**ସଂକ୍ଷେପରେ**

## ଟିଭି ଚୋରି ଅଭିଯୋଗ, ଜଣେ ଗିରଫ

ଭଞ୍ଜନଗର,୨୨।୧୨(ଡି.ଏନ.ଏ.)- ଭଞ୍ଜନଗର ପୋଲିସ ଟିଭି ଚୋରୀ ମାମଲାରେ ତାରସିଂର ଶିବରାମ ମଲିକଙ୍କୁ ରବିବାର ଗିରଫ କରିଛି। ତାଙ୍କଠାରୁ ପୋଲିସ ଚୋରି ଯାଇଥିବା ୯ଟିଭି ଉଦ୍ଧାର କରିଛି। ଏଥିସହ ୫ଟି ମୋବାଇଲ ଫୋନ ମଧ୍ୟ ଜବତ କରିଛି। ପ୍ରକାଶ ଯେ, ଶିବ ଭଞ୍ଜନଗର ଜଳସମ୍ପଦ ବିଭାଗ କଲୋନୀ ସମେତ ଏକାଧିକ ସ୍ଥାନରୁ ଟିଭି ଚୋରି କରି ନେଉଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ତାକୁ କମ୍ ଦରରେ ବିକ୍ରି କରି ଦେଉଥିଲେ। ଏନେଇ ଭଞ୍ଜନଗର ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିବାବେଳେ ରବିବାର ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ଡମ୍ଫର ଚକାତଳେ ପଡ଼ି ଯୁବକ ମୃତ

ଖଜୁରିପଡା(ଡି.ଏନ୍.ଏ.)/ବଲସକୁମ୍ପା, ୨୨।୧୨- ଖଜୁରିପଡା ବ୍ଲକ ଅରାସାହି ରାସ୍ତାରେ ଏକ ଡମ୍ଫର ଚକାତଳେ ପଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଲସକୁମ୍ପା ଗ୍ରାମର ରାଜୁ ଦାସ। ପୋଲିସ ଡମ୍ଫରକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖିଛି। ଡ୍ରାଇଭର ବେଡାଙ୍ଗପାଜୁ ଗ୍ରାମର ଲାଲୁମୋହନ ପ୍ରଧାନ ଡ୍ରମ୍ଫର (ନଂ.ଓଆର ୧୪ଏନ୍ ୮୯୦୮) ନେଇ ବଲସକୁମ୍ପା ଗ୍ରାମକୁ ଧାନ ଆଣିବାକୁ ଯାଇଥିଲେ। ଉକ୍ତ ଡମ୍ଫରରେ ରାଜୁ ଏବଂ ଅନ୍ୟ ୨ ଜଣ ଥିଲେ। ଧାନ ବୋଝେଇ କରି ଫେରୁଥିବା ବେଳେ କୌଣସି କାରଣବଶତଃ ଗାଡି ଡୋର ଖୋଲିଯିବାରୁ ରାଜୁ ତଳକୁ ଖସି ପଡିଯିବାରୁ ତାଙ୍କ ମୁଣ୍ଡ ଉପରେ ଚକା ମାଡ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଗାଡି ଛାଡ଼ି ସମସ୍ତେ ପଳାଇଥିଲେ। ଖଜୁରିପଡା ଥାନା ପୋଲିସ କୌଣସି ସୂତ୍ରରୁ ଖବରପାଇ ମୃତଦେହ ଚିହ୍ନଟ କରିଥିଲା।

## ତୁମୁଡ଼ିବନ୍ଧରେ ଶାନ୍ତି କମିଟି ବୈଠକ

ତୁମୁଡ଼ିବନ୍ଧ,୨୨।୧୨(ଡି.ଏନ୍.ଏ.)- ତୁମୁଡ଼ିବନ୍ଧ ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ପ୍ରକାଶ ଚନ୍ଦ୍ର ପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ବଡଦିନ ପାଳନ ନେଇ ବୈଠକରେ ଆଲୋଚନା ହୋଇଥିଲା। ଶାନ୍ତିଶୃଙ୍ଖଳାରେ ବଡଦିନ ପାଳନ ସହ କୌଣସି ବିଶୃଙ୍ଖଳା ନ କରିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା। ଆସନ୍ତା ୨୪ ଓ ୨୫ରେ ତୁମୁଡ଼ିବନ୍ଧ ଅଞ୍ଚଳର ସରକାରୀ ମଦ ଦୋକାନ ବନ୍ଦ ରଖାଯିବାକୁ ନିଷ୍ପତି ହୋଇଥିଲା। ବୈଠକରେ ତୁମୁଡିବନ୍ଧ ତହସିଲଦାର ଚନ୍ଦ୍ରହାସ ନାୟକ, ଥାନା ଭାରପ୍ରାପ୍ତ ଅଧିକାରୀ ବାବା ଶଙ୍କର ଶରାଫ,ଜିପିଓ ଭିମସେନ ସାହୁ ଓ ବିଭିନ୍ନ ସମ୍ପ୍ରଦାୟର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ନେତ୍ର ମାନସେଠ୍ ପ୍ରମୁଖ ଉପସ୍ଥିତ ଥିଲେ।

**ଜିଲା ପରାମର୍ଶଦାତା କମିଟି ବୈଠକ**

# ଲୋକଙ୍କୁ ହଇରାଣ କଲେ ସରକାରୀ ଆକାଉଣ୍ଟ ଉଠାଇ ନିଆଯିବ

ଫୁଲବାଣୀ ଅଫିସ, ୨୨।୧୨

ଜିଲା ପରାମର୍ଶଦାତା କମିଟି ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡା.ବୃନ୍ଦା ଡି. ଏଥିରେ ଅଧକ୍ଷତା କରି ଜିଲାରେ ଗ୍ରାହକ ସେବା କେନ୍ଦ୍ର କିମ୍ବା ମିନି ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସେବା ନୀତି ଆୟୋଗଙ୍କ ମନ୍ତବ୍ୟ ଆଧାରରେ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବ୍ୟାଙ୍କଗୁଡିକ ପ୍ରତ୍ୟେକ ପଞ୍ଚାୟତରେ ଗ୍ରାହକ ସେବାକେନ୍ଦ୍ର ଖୋଲିବା ସହିତ ଋଣ ପ୍ରଦାନ କ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ ନ କରିବାକୁ ପରାମର୍ଶ ଦେଇଥିଲେ। ଆବଶ୍ୟକ କାଗଜପତ୍ର ନ ଥିଲେ, ଆବେଦନପତ୍ର ପାଇବାର ୧୦ଦିନ ମଧ୍ୟରେ ତାହାକୁ ନାକଚ କରିବା ଦରକାର। ଏଥିସହ କାରଣ ଦର୍ଶାଇ ସଂପୃକ୍ତ କାର୍ଯ୍ୟାଳୟ କିମ୍ବା ବ୍ୟକ୍ତିବିଶେଷ ପାଖକୁ ପଠାଇବାକୁ ପଡ଼ିବ। ଆବଶ୍ୟକୀୟ କାଗଜପତ୍ର ଥାଇ ଯଦି ମାସ ମାସ ଧରି ବିଚାରାଧୀନ ଅବସ୍ଥାରେ ପକାଇ ରଖି ଦିଆଯାଏ, ତାହାଲେ ସେହି ବ୍ୟାଙ୍କରୁ ସରକାରୀ କାର୍ଯ୍ୟାଳୟଗୁଡ଼ିକର ଆକାଉଣ୍ଟ ଉଠାଇ ନିଆଯିବାକୁ ସଂପୃକ୍ତ ଅଧିକାରୀମାନଙ୍କୁ ଜିଲାପାଳ କହିଥିଲେ।



ବୈଠକରେ ଉପସ୍ଥିତ ଜିଲାସ୍ତରୀୟ ଅଧିକାରୀ।

ଭୁବନେଶ୍ୱରସ୍ଥିତ ଭାରତୀୟ ରିଜର୍ଭ ବ୍ୟାଙ୍କର ସହକାରୀ ମହାପରିଚାଳକ ସନ୍ତୋଷ କୁମାର ପଟ୍ଟନାୟକ ଜିଲାର କିଛି ବ୍ୟାଙ୍କ ଋଣ ନ ଦେଇ ମାସ ମାସ ଧରି ବିଚାରାଧୀନ ଅବସ୍ଥାରେ ପକାଇ ରଖୁଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ବ୍ୟାଙ୍କରେ ପଡ଼ି ରହିଥିବା ଆବେଦନ ପତ୍ର ଗୁଡ଼ିକର ତାଲିକା ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। ଗ୍ରାହକ ସେବା କେନ୍ଦ୍ରଗୁଡ଼ିକ ଦୂର ଦୂରାନ୍ତରେ ଥିବା ଗାଁ ଗୁଡ଼ିକରେ ସେବା ଯୋଗାଇଦେଲେ ଲୋକେ ଉପକୃତ ହୋଇପାରିବେ ବୋଲି କହିଥିଲେ। ବୈଠକରେ ଜିଲା ଅଗ୍ରଣୀ ବ୍ୟାଙ୍କ ଅଧିକାରୀ କଳ୍ପତରୁ ସ୍ୱାଇଁ ଗତ ସେପ୍ଟେମ୍ବର ଶେଷ ସୁଦ୍ଧା ୨୧ଟି ବ୍ୟାଙ୍କ, ସେଗୁଡ଼ିକର ୭୧ଟି ଶାଖା ଓ ୬୧ଟି ଏଟିଏମ୍ କାର୍ଯ୍ୟକ୍ଷମ ଥିବା କହିଥିଲେ। ଏହାବ୍ୟତୀତ ଫୁଲବାଣୀରେ ୨ଟି ନୂଆ ବ୍ୟାଙ୍କ ଖୋଲାଯାଇଛି। ସେଥିମଧ୍ୟରୁ ସୂର୍ଯ୍ୟୋଦୟ ସ୍ମଲ୍ ଫାଇନାନ୍ସି ବ୍ୟାଙ୍କ ଲିଃ କେବଳ ଋଣ ପ୍ରଦାନ କରୁଥିବାବେଳେ ଇଣ୍ଡସ ଇଣ୍ଡ୍ ବ୍ୟାଙ୍କ କେବଳ ଦୁଇଚକିଆ ଗାଡ଼ି ପାଇଁ ଋଣ ପ୍ରଦାନ କରୁଛି ବୋଲି ସୂଚନା ଦେଇଥିଲେ। ସେହିପରି ନାବାର୍ଡ ଏଜିଏମ୍ ଶ୍ରୀବସ୍ତ ଲାଞ୍ଛନ ଦାସ ନାବାର୍ଡର ଭୂମିକା ଏବଂ କାର୍ଯ୍ୟ ସମ୍ପର୍କରେ ସମ୍ୟକ ଧାରଣା ଦେଇଥିଲେ। ନାବାର୍ଡର ଜନଜାତି ଉନ୍ନୟନ ପାଣ୍ଠି ୱାଡ଼ି ସମ୍ପର୍କରେ ସୂଚନା ଦେଇ ସେ କହିଥିଲେ ଯେ, ଜିଲାର ୪ଟି ବ୍ଲକରେ ଜାଗୃତି, ବନବାସୀ ସେବା ସମିତି, ସ୍ୱାତୀ ଏବଂ ସେନ୍ସଭୋଲ୍ ଭଳି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗତ ୯ ମାସ ଧରି ଚାଷୀଙ୍କ ପାଇଁ କାର୍ଯ୍ୟ କରି ଆସୁଛନ୍ତି। ସେଥିରେ ପ୍ରାୟ ୩,୫୦୦ ଚାଷୀ ପରିବାର ଉପକୃତ ହେଉଛନ୍ତି। ୩ଟି ୱାଡ଼ିର ପ୍ରକଳ୍ପ କାର୍ଯ୍ୟ ସମାପ୍ତ ହୋଇଥିବା ବେଳେ ଟିକାବାଲିଠାରେ ଗୋଟିଏ ୱାଡ଼ିର ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଥିବା ସୂଚନା ଦେଇଥିଲେ। ସେହିପରି ଜିଲା ଶିଳ୍ପ କେନ୍ଦ୍ର, ଉଦ୍ୟାନ କୃଷି, ସାମାଜିକ ସୁରକ୍ଷା ବିଭାଗ, ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ମତ୍ସ୍ୟ ବିଭାଗ, ପୌର ପରିଷଦ, ପ୍ରାଣୀ ଚିକିତ୍ସା ବିଭାଗ, ମିଶନ ଶକ୍ତିର ଅଧିକାରୀମାନେ ସେମାନଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ।

## ବ୍ରାହ୍ମଣୀଗାଁରେ ମିଳିତ ପ୍ରାକ୍ ଖ୍ରୀଷ୍ଟ ଜୟନ୍ତୀ

**ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବାଇବେଲ୍ ପଠନ**

ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୨୨।୧୨(ଡି.ଏନ୍.ଏ.)

ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ କ୍ୟାଥଲିକ ଚର୍ଚ୍ଚ ପରିସରରେ ରବିବାର ଅପରାହ୍ନରେ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ମିଳିତ ଭାବେ ପ୍ରାକ୍-ଖ୍ରୀଷ୍ଟ ଜୟନ୍ତୀ ପାଳନ କରିଛନ୍ତି। ଏଭଳି କାର୍ଯ୍ୟକ୍ରମ ଉକ୍ତ ଅଞ୍ଚଳରେ ପ୍ରଥମଥର ପାଇଁ ଆୟୋଜନ କରାଯାଇଥିବାରୁ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ଗ୍ରାମ୍ୟ କ୍ୟାଥଲିକ ଚର୍ଚ୍ଚ ଉନ୍ନୟନ କମିଟି ସଭାପତି ତଥା ବ୍ଲକ ଉପାଧ୍ୟକ୍ଷ ରମାକାନ୍ତ ବଳିଆରସିଂଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଟ୍ରାଇବଲ୍ ଡାଇଓସିସ୍‌ର ବିଶପ ଶରତ ଚନ୍ଦ୍ର ପ୍ରଧାନ ଯୋଗଦେଇ ପ୍ରଭୁ ଯୀଶୁଙ୍କ ଜନ୍ମ ସମ୍ପର୍କରେ ଅବଗତ କରାଇବା ସହ ବାଇବେଲ୍ ପଠନ, ସାମୁହିକ ପ୍ରାର୍ଥନା ଆଦି କରିଥିଲେ। କେକ୍ କାଟି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଯୀଶୁ ଜନ୍ମ ସମ୍ପର୍କୀତ କ୍ଷୁଦ୍ର ନାଟକକୁ ଛାତ୍ରୀଛାତ୍ରମାନେ ପରିବେଷଣ କରିଥିଲେ।

ଅନ୍ୟତମ ଅତିଥି ଭାବେ କିରାମାହା ଚର୍ଚ୍ଚ ଅଫ୍ ନର୍ଥ ଇଣ୍ଡିଆର ଧର୍ମଯାଜକ ଚନ୍ଦ୍ର ଶେଖର ମଲ୍ଲିକ, ରୋମାନ କାଥଲିକ ପାରିସ ପ୍ରୀଷ୍ଟର ମୁଖ୍ୟ ଧର୍ମଯାଜକ ଦେବଚନ୍ଦନ କାଣିଆନ ପ୍ରଧାନ, ପାଷ୍ଟେର ପଦ୍ମଚରଣ ରଣସିଂ, କରୁଣାକର ଦିଗାଳ, ପେଣ୍ଟକଷ୍ଟ ଚର୍ଚ୍ଚର ଏରିଆ ସୁପରଭାଇଜର ଚିତ୍ରସେନ କାର୍ଜିମାଝୀ, ଇମାନୁଏଲର ଦିଲିପ ହରପାଲ୍, ଗୁଷିମାଳ ମହାବିଦ୍ୟାଳୟର ଅଧ୍ୟକ୍ଷ ଦେବରାଜ ବଳିଆର ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ କମିଟିର ସଭାପତି ରମାକାନ୍ତ ବଳିଆର ସିଂଙ୍କ ସମେତ ସମ୍ପାଦକ ସୁବାସ ସିଂ, କୋଷାଧ୍ୟକ୍ଷ ଧିରେନ ଚାନ୍ଦ ପରିଚ୍ଛା ପ୍ରମୁଖ ପରିଚାଳନା କରିଥିଲେ।



ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ।

# ଦାରିଙ୍ଗବାଡ଼ିରେ ପର୍ଯ୍ୟଟକଙ୍କ ଭିଡ଼

**ଶୀତର ମଜା ଉଠାଇଲେ**

ଦାରିଙ୍ଗବାଡ଼ି,୨୨।୧୨(ଡି.ଏନ.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ିଠାରେ ରବିବାର ଥିବାରୁ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, ବଡ଼ଦିନ ପାଇଁ ଛୁଟି ଥିବାରୁ ରାଜ୍ୟ ଓ ରାଜ୍ୟ ବାହାରୁ ପର୍ଯ୍ୟଟକ ଭୋରରୁ ଦାରିଙ୍ଗବାଡ଼ିରେ ଭିଡ଼ ଜମାଇଛନ୍ତି। ପାହାନ୍ତିଆ ଶୀତର ମଜା ନେବାକୁ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ କଫି ବଗିଚା ସମେତ ନେଚରପାର୍କ, ହିଲ୍‌ଭିୟୁ ପାର୍କ, ମିଡ଼ିୟୁବାନ୍ଦା ଜଳପ୍ରପାତ, ସାଇଲେଣ୍ଟ ଭ୍ୟାଲି, କିରିକୁଟି ପ୍ରକୃତି ଲଭର୍ସ ପଏଣ୍ଟ, ଡୁଲୁରୀ ପାଇନ ବଣ ଆଦି ସ୍ଥାନରେ ଭିଡ଼ ଜମାଇଥିଲେ। ବୁଲାବୁଲି କରିବା ସହ ବଣଭୋଜି ମଧ୍ୟ କରିଥିଲେ। ତେବେ କିଛି ପର୍ଯ୍ୟଟକ ଦାରିଙ୍ଗବାଡ଼ିର ପ୍ରକୃତିକୁ ଭଲପାଇ ପ୍ରତିବର୍ଷ ଆସୁଥିବାବେଳେ ଏହାର ବିକାଶ ହେଉ ନ ଥିବା ଦେଖି ଉଦ୍‌ବେଗ ପ୍ରକାଶ କରିଥିଲେ। ଏବେବି ଦାରିଙ୍ଗବାଡ଼ିରେ ଶୀତ ଲହରୀ ଅବ୍ୟାହତ ରହିଛି। କିନ୍ତୁ ଦିନକୁଦିନ ପାଣିପାଗରେ ପରିବର୍ତ୍ତନ ସହ ପରିବେଶ ପ୍ରଦୂଷଣ, ଜଙ୍ଗଲ କ୍ଷୟ ଯୋଗୁ ପର୍ଯ୍ୟଟକଙ୍କ ମନରେ ନିରାଶାଭାବ ଦେଖିବାକୁ ମିଳିଛି। ବିଭିନ୍ନ ପର୍ଯ୍ୟଟନକେନ୍ଦ୍ର ଗୁଡ଼ିକରେ ଗଦାଗଦା ଅଳିଆ, ପଲିଥିନ, ଖାଲି ପ୍ଲାଷ୍ଟିକ୍ ବୋତଲ ସହ ଅଇଁଠା ଖଲି ଦେଖି ପର୍ଯ୍ୟଟକ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ରବିବାର ମଧ୍ୟ ଦାରିଙ୍ଗବାଡ଼ିରେ ତାପମାତ୍ର ୧୦ ଡିଗ୍ରୀ ତଳେ ରହିଥିଲା। ପାହାନ୍ତିଆ ଏବଂ ସନ୍ଧ୍ୟା ସମୟରେ ଅଧିକ ଶୀତ ଅନୁଭୂତ ହେଉଛି। ବହୁ ପର୍ଯ୍ୟଟକଙ୍କ ସମାଗମ ଯୋଗୁ ଏମିତି ପରିସ୍ଥିତି ହୋଇଥିଲା ଯେ, ବଣଭୋଜି ପାଇଁ ସ୍ଥାନର ଅଭାବ ପରିଲକ୍ଷିତ ହୋଇଥିଲା। ଦାରିଙ୍ଗବାଡ଼ିରେ ରାତ୍ରିଯାପନ ପାଇଁ ବ୍ୟବସ୍ଥା ସହ ଲୋକଙ୍କ ପାଇଁ ଗୋଷ୍ଠୀ ଶୌଚାଳୟ ବ୍ୟବସ୍ଥା କରାଗଲେ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ପର୍ଯ୍ୟଟକଙ୍କ ମଧ୍ୟରେ ମତ ପ୍ରକାଶ ପାଇଛି। କିଛି ପର୍ଯ୍ୟଟକ ଦାରିଙ୍ଗବାଡ଼ି ଆସି ହଇରାଣ ହେଉଥିବା କହିଛନ୍ତି। ପର୍ଯ୍ୟଟକମାନେ କନ୍ଧମାଳ ହଳଦୀ ସମେତ କ୍ଷୁଦ୍ରଦାନା ଶସ୍ୟ ସମେତ ଏଠାରେ କୃଷିଜାତ ଦ୍ରବ୍ୟ ଅମଳ ସାମଗ୍ରୀକୁ ମଧ୍ୟ କ୍ରୟ କରି ନେଉଛନ୍ତି। ଦାରିଙ୍ଗବାଡ଼ି ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଉଥିବା ଆଇଆଇସି କୌଶିକ ମାଝୀ କହିଛନ୍ତି।



ପର୍ଯ୍ୟଟନକେନ୍ଦ୍ରରେ ବଣଭୋଜି ପାଇଁ ଭିଡ଼।

## ସିଆରପିଏଫ୍ ତରଫରୁ ସ୍ୱାସ୍ଥ୍ୟ ଶିବିର

ବାଲିଗୁଡା,୨୨।୧୨(ଡି.ଏନ୍.ଏ.)

ସିଆରପିଏଫର ଏଫ୍-୧୨୭ ବାଟାଲିୟନ ତରଫରୁ ବାଲିଗୁଡା ବ୍ଲକ ବାଟାଗୁଡା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସିଆର୍‌ପିଏଫ କମାଣ୍ଡାଣ୍ଟ ଜି. କୁମାର, ସେକେଣ୍ଡ କମାଣ୍ଡାଣ୍ଟ ଶୁଖବୀର ସିଂ, ଆସିଷ୍ଟାଣ୍ଡ କମାଣ୍ଡାଣ୍ଟ ସୋମଜିତ ଭଗତ ପ୍ରମୁଖ ଉପସ୍ଥିତ ରହି ଏହି ସ୍ୱାସ୍ଥ୍ୟ ଶିବିରକୁ ପରିଚାଳନା କରିଥିଲେ। ଏହି ଶିବିରରେ ବାଟାଗୁଡା ପଞ୍ଚାୟତର ଅଧିକାଂଶ ଗ୍ରାମରୁ ଲୋକେ ଆସି ଚିକିତ୍ସିତ ହୋଇଥିବା ସହ ମାଗଣାରେ ଔଷଧ ନେଇଥିଲେ। ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟ ଡାକ୍ତର ଜଗବନ୍ଧୁ ପଣ୍ଡା ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଆସିଷ୍ଟାଣ୍ଡ କମାଣ୍ଡାଣ୍ଟ ସୋମଜିତ ଭଗତ କହିଛନ୍ତି ଏପରି ସ୍ୱାସ୍ଥ୍ୟ ଶିବିର ଆମେ ବିଭିନ୍ନ ଗ୍ରାମରେ କରୁଛୁ। ଏହାଦ୍ୱାରା ଦୁର୍ଗମ ଅଞ୍ଚଳର ଲୋକେ ଚିକିତ୍ସା ସୁବିଧା ପାଉଥିବାବେଳେ ଆମେ ଲୋକଙ୍କ ନିକଟତର ହୋଇପାରୁଛି। ସିଆରପିଏଫ ଫାର୍ମାସିଷ୍ଟ ଏ. କେ. ସାହୁ, ମେଜର ଏ. କେ. ବିଶ୍ୱାଳ ଓ ସୁଧୀର ଯାଦବ ପ୍ରମୁଖ ସହଯୋଗ କରିଥିଲେ। ଏହି ବାଟାଲିୟନର ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ବଡ଼ଦିନ ପାଇଁ ବାଲିଗୁଡ଼ାରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ବାଲିଗୁଡା,୨୨।୧୨(ଡି.ଏନ୍.ଏ.)

୨ଦିନ ପରେ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ବଡ଼ପର୍ବ ବଡ଼ଦିନ। ଏନେଇ ବାଲିଗୁଡା ପୋଲିସ ବିଭାଗ ତରଫରୁ ଥାନା ଅଧିକାରୀ ପ୍ରଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ସହରରେ ଫ୍ଲାଗ୍‌ମାର୍ଚ୍ଚ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଆଦିବାସୀ ମହାବିଦ୍ୟାଳୟଠାରୁ ଫ୍ଲାଗ୍‌ମାର୍ଚ୍ଚ ବାହାରି ସମଗ୍ର ସହର ପରିକ୍ରମା କରି ମହାଲକ୍ଷ୍ମୀ ପେଟ୍ରୋଲ ଟାଙ୍କି ପର୍ଯ୍ୟନ୍ତ ଯାଇଥିଲା। ସୂଚନାଯୋଗ୍ୟ ଯେ, ୨୦୦୭ ଓ ୨୦୦୮ରେ ହୋଇଥିବା ସାମ୍ପ୍ରଦାୟିକ ଦଙ୍ଗାକୁ ଆଖିଆଗରେ ରଖି ସେହିଦିନଠାରୁ ବଡଦିନ ନିକଟତର ହେଲେ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଶାନ୍ତି କମିଟି ବୈଠକ ଓ ଫ୍ଲାଗମାର୍ଚ୍ଚ କରାଯାଉଛି। ଏହି ଫ୍ଲାଗ୍‌ମାର୍ଚ୍ଚରେ ସବ୍‌ଇନ୍ସପେକେଟର ଶିବ ଶଙ୍କର ଆଲଦାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ସାମୁହିକ ପ୍ରାର୍ଥନା, ବାଇବେଲ ପଠନ ପାଇଁ ପ୍ରାର୍ଥନା ଗୃହ ସମେତ ଚର୍ଚ୍ଚଗୁଡିକୁ ଆଲୋକମାଳାରେ ସଜ୍ଜିତ କରାଯାଉଛି। ୨୪ ତାରିଖ ମଧ୍ୟରାତ୍ରରେ ପ୍ରଭୂ ଯୀଶୁଖ୍ରୀଷ୍ଟ ଜନ୍ମ ନେବେ। ଏଥିପାଇଁ ସେହି ରାତିରେ ଖ୍ରୀଷ୍ଟ ଶ୍ରଦ୍ଧାଳୁମାନେ ରାତି ଉଜାଗର ରହିବା ସହ ପର୍ବ ପାଳନ କରିବେ। ଉତ୍ସବ କିପରି ଶାନ୍ତିଶୃଙ୍ଖଳାର ସହ ପାଳନ ହେବ ସେ ନେଇ ପୋଲିସ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବା ସହ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡ଼ି କରାଯାଉଛି।



ମୁଖ୍ୟରାସ୍ତାରେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି।

## ସରିଲା ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା

ଫୁଲବାଣୀ ଅଫିସ, ୨୨।୧୨–ଫୁଲବାଣୀ କରୋନେଶନ ପଡ଼ିଆରେ ଚାଲିଥିବା ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ରବିବାର ଶେଷ ହେଇଛି। ମେଳାରେ ଗତବର୍ଷଠାରୁ ବ୍ୟବସାୟ ବହୁ କମିଛି ବୋଲି ବୈଦ୍ୟମାନେ କହିଛନ୍ତି। ମେଳା ସମ୍ପର୍କରେ ଗ୍ରାମାଞ୍ଚଳର ଲୋକେ ଜାଣି ପାରିନାହାନ୍ତି। ଜନସମାଗମ ହେଉ ନ ଥିବାରୁ ଷ୍ଟଲ କରି ବସିଥିବା ବୈଦ୍ୟମାନେ ଶେଷ ଦିନରେ ବି ଭଲ ବ୍ୟବସାୟ କରିନାହାନ୍ତି। ସନ୍ଧ୍ୟାରେ କେବଳ ସାଂସ୍କୃତିକ କାର୍ଯ୍ୟକ୍ରମରେ ସହରବାସୀଙ୍କ ଗହଳି ଲାଗିଥିଲା।


**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ସାରଦା ମହାକୁଡ଼**
ସ୍ଥାନ: ପଥରଗାଡ଼ିଆ, ଭୁବନେଶ୍ୱର
ତୋର ସ୍ନେହ, ଶ୍ରଦ୍ଧା, ନିଷ୍ଠା, କର୍ତ୍ତବ୍ୟ ପରାୟଣତା, ତ୍ୟାଗ, ପରୋପକାର ଓ ଅନୁଷ୍ଠାନ ଆମପାଇଁ ପ୍ରେରଣାର ଉତ୍ସ ହେଉ। ଚାହୁଁ ଚାହୁଁ ଏକବର୍ଷ ହୋଇଗଲା। ଏ ତେଲ, ଲୁଣ ସଂସାରରୁ ଚାଲି ଯିବାର କିନ୍ତୁ ଆଜି ବି ସେହି ସ୍ନେହ, ଶ୍ରଦ୍ଧା, ନିଷ୍ଠା, କର୍ତ୍ତବ୍ୟନିଷ୍ଠା ଆମକୁ ଅନୁପ୍ରାଣିତ କରୁ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବିନମ୍ର ପ୍ରାର୍ଥନା।
**ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସହ:**
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୫୭୬୪

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତା ହାରାମଣୀ ସାହୁ**
ରାଣୀପଡ଼ା, ଗୋବିନ୍ଦପୁର, କଟକ
ତିରୋଧାନ: ୧୩।୧୨।୨୦୧୯
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:**
ପୁତ୍ର–ସନାତନ ସାହୁ, ଅକ୍ଷୟ କୁମାର ସାହୁ, ଅନିରୁଦ୍ଧ ସାହୁ, ରମେଶ ଚନ୍ଦ୍ର ସାହୁ, କନ୍ୟା– ଅନ୍ନପୂର୍ଣ୍ଣା ସାହୁ, ଜ୍ୱାଇଁ– ଅଜୟ କୁମାର ସାହୁ, ନାତି, ନାତୁଣୀ ଓ ପରିବାରବର୍ଗ।
ଧ-୧୫୮୬୪

**ଦ୍ୱାଦଶାହ ଉପଲକ୍ଷେ**



**ସ୍ୱର୍ଗତ ଲକ୍ଷ୍ମୀଧର ଦାଶ**
ଅବସରପ୍ରାପ୍ତ କୃଷି ଅଧିକାରୀ
ଗୋଳବାଇ, ଖୋର୍ଦ୍ଧା
ଆବିର୍ଭାବ: ୧୧।୦୩।୧୯୪୩
ତିରୋଧାନ: ୧୨।୧୨।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
**ଶୋକସନ୍ତପ୍ତ ପରିବାରବର୍ଗ:**
ଝିଅ–ଜ୍ୱାଇଁ: ଲିଲି ଓ ଦିଲୁ, ବଡ଼ପୁଅ–ବୋହୂ: ସଂଜୀବ ଓ ସଂଗୀତା, ସାନପୁଅ–ବୋହୂ: ମାଧବ– ରାନୀ, ନାତିମାନେ ଓ ନାତୁଣୀ: ହିଲୁ, ସିଲୁ, ସୂର୍ଯ୍ୟ, ସପନି ଓ ବନ୍ଧୁବର୍ଗ।
ଧ-୬୮୭୩


# ତୁରୁମୁ, ପଞ୍ଚଭୂତିରେ ସ୍ୱାସ୍ଥ୍ୟ ଶିବିର



ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ତୁରୁମୁରେ ଚାଲିଥିବା ଶିବିର ପରିଦର୍ଶନ କରୁଛନ୍ତି।

ଭଞ୍ଜନଗର,୨୨।୧୨ (ଡି.ଏନ.ଏ.)

ଭଞ୍ଜନଗର ବ୍ଲକ ତୁରୁମୁ ଓ ଜଗନ୍ନାଥପ୍ରସାଦ ବ୍ଲକ ପଞ୍ଚଭୂତିରେ ରବିବାର କିମ୍ସ ପକ୍ଷରୁ ମେଗା ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ରୋଗୀଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ଦିଆଯାଇଥିଲା। କିମ୍ସର ଡାକ୍ତର ଡ. ଭାନାଶି କ୍ରିଷ୍ଣା, ଡ. ଶିବାଶିଷ ଚାଟାର୍ଜି, ଡ. ଉଦିତ ଉପାଧ୍ୟାୟ, ଡ. ମୟଙ୍କ ଗୋୟଲ, ଡ. ରୂପକ ଦୁବେ, ଡ. ରୋହିତ ଆରୋର ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ତୁରୁମୁରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରକୁ ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ପରିଦର୍ଶନ କରିଥିଲେ। ଏହି ଅବସରରେ ମନ୍ତ୍ରୀ କହିଥିଲେ ମାଗଣା ସ୍ୱାସ୍ଥ୍ୟ ସେବା କିମ୍ସ ପକ୍ଷରୁ ପ୍ରତ୍ୟେକ ମାସର ଏକ ରବିବାର ଆମ ଅଞ୍ଚଳରେ ହେଉଥିବାରୁ ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜନରେ କିମ୍ସର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ସରପଞ୍ଚ ଟୁଟୁ ପ୍ରଧାନ, ସାଂସଦ ପ୍ରତିନିଧି ଦିବାକର ନାୟକ, ଶୁଳପାଣି ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। କିମ୍ସ ଅଧିକାରୀ ଶୁଭେନ୍ଦୁ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୂଚନାଯୋଗ୍ୟଯେ ଡ. ଅଚ୍ୟୁତ ସାମନ୍ତ କନ୍ଧମାଳ ଲୋକସଭାରୁ ନିର୍ବାଚିତ ହେବାପରେ ପ୍ରତ୍ୟେକ ମାସର ଏକ ରବିବାର ନିଜ ସଂସଦୀୟ କ୍ଷେତ୍ରରେ ମାଗଣା ସ୍ୱାସ୍ଥ୍ୟ ଶିବିର କରିବାକୁ ଘୋଷଣା କରିଥିଲେ। ପଞ୍ଚଭୂତିରେ ଆୟୋଜିତ କାର୍ଯ୍ୟକ୍ରମକୁ ବ୍ଲକ ବିଜେଡି ସଭାପତି ମୋହନ ପ୍ରଧାନ, ବିଜେଡି ସଙ୍ଗଠକ ବିପ୍ର ଚରଣ ବାରିକ ପ୍ରମୁଖ ପରିଚାଳନା କରିଥିଲେ।

## କ୍ରାଣ୍ତିବାଲିରେ ସ୍ୱାସ୍ଥ୍ୟ ଶିବିର

ଫିରିଙ୍ଗିଆ, ୨୨।୧୨

ଫିରିଙ୍ଗିଆ ବ୍ଲକ କ୍ରାଣ୍ଡିବାଲି ପଞ୍ଚାୟତରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ରାଣ୍ଡିବାଲି, ପକାରୀ, ଗୋଚ୍ଛାପଡା ପଞ୍ଚାୟତର ୨୪୦ରୁ ଉର୍ଦ୍ଧ୍ୱ ଲୋକ ସ୍ୱାସ୍ଥ୍ୟପରୀକ୍ଷା କରାଇଥିଲେ। ଜିଲା ପରିଷଦ ଉପାଧକ୍ଷା ସାରତୀ ମଲ୍ଲିକ, କ୍ରାଣ୍ଡିବାଲି ସରପଞ୍ଚ ରାଜକୁମାରୀ କହଁର, ସମିତିସଭ୍ୟା ଯଶୋଦା କହଁର, ଏମ୍‌ପିଙ୍କ ପ୍ରତିନିଧି ବିଷ୍ଣୁ ଚରଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।


**4th Birthday Wish**



**ପ୍ରଜ୍ଞା ପ୍ରିୟଦର୍ଶିନୀ ମହାପାତ୍ର (ଭୂମି)**
ଖୋର୍ଦ୍ଧା
ଆଜି ତୋର ଚତୁର୍ଥ ଜନ୍ମଦିନରେ ପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି କାମନା, ପ୍ରଭୁ ତୋତେ ଦୀର୍ଘାୟୁ କରନ୍ତୁ, ନୀରୋଗ ରଖନ୍ତୁ ଏବଂ ତୋର ଚଲାପଥରେ ପୁଷ୍ପ ବୃଷ୍ଟି କରନ୍ତୁ।
**ଶୁଭେଚ୍ଛା ସହ**
Loving Father, Sweet Mama & all relatives.
ଧ-୧୫୭୮୦

**OFFICE OF THE**
**NOTIFIED AREA COUNCIL, BUGUDA**
**"e" PROCUREMENT NOTICE**
Tender Reference No. BUG-NAC-06/2019-20
Tender Call Notice No. 1796 // Date: 21.12.2019

Bid documents consisting of Plans, Specifications, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersodisha.gov.in.

| | | |
|---|---|---|
| 1. | Name of the Work | : Civil works as mentioned in Notice Board. |
| 2. | No. of Works | : 1 No. |
| 3. | Bid value | : Rs. 2,83,83,501/- |
| 4. | Period of Completion | : 280 days. |
| 5. | Date and time of availability of the bid documents in the portal | : 23.12.2019 at 11 AM to 5.30 PM of Dt.06.01.2020 |
| 6. | Last date and time for receipt of bids in the portal | : 06.01.2020 upto 5.30 PM |
| 7. | Bids received online shall be opened on | : 13.01.2020 at 11 AM |
| 8. | Name and Address of the officer inviting Bid | : Executive Officer, N.A.C., Buguda |

Further details can be seen from the Procurement portal: www.tendersodisha.gov.in

*Sd./- Executive Officer, NAC, Buguda, Ganjam*

# ଏମ୍‌କେସିଜି ପଥ୍ୟ ବିଭାଗ ପଙ୍ଗୁ

## ବିନା ଡାଏଟେଶନରେ ଖାଦ୍ୟ ଖାଉଛନ୍ତି ରୋଗୀ

ବ୍ରହ୍ମପୁର ଅଫିସ,୨୨।୧୨

ବ୍ରହ୍ମପୁର ମେଡିକାଲକୁ ଦକ୍ଷିଣ ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ଖୋର୍ଦ୍ଧା ଓ ପୁରୀ ଜିଲାରୁ ପ୍ରତିଦିନ ରୋଗୀ ଆସିଥାନ୍ତି। ଏମାନଙ୍କୁ ଉତ୍ତମ ସେବା ଯୋଗାଇଦେବା ସହ ମାଗଣାରେ ଖାଦ୍ୟ ଓ ଔଷଧ ଯୋଗାଇ ଦେବା ନେଇ ସରକାର ଅନେକ ଯୋଜନା କରିଛନ୍ତି। ନିୟମ ରହିଛି, କେଉଁ ରୋଗୀଙ୍କୁ କିଭଳି ଖାଦ୍ୟ ଦିଆଯିବ, ସେନେଇ ଜଣେ ଡାଏଟିସିଆନ ପରାମର୍ଶ ଦେବା ଜରୁରୀ। ହେଲେ ଏମ୍‌କେସିଜି ମେଡ଼ିକାଲରେ ଗତ ୬ ବର୍ଷରୁ ଊର୍ଦ୍ଧ୍ୱ ହେଲା କେହି ଡ଼ାଏଟିସିଆନ ନାହାନ୍ତି। ଏଣୁ ଭେଷଜ ବିଭାଗ ଏବେ ପଙ୍ଗୁ ହୋଇଯାଇଥିବା ଦେଖିବାକୁ ମିଳିଛି। ଡ଼ାଏଟିସିଆନ ନ ଥିବାରୁ ପ୍ରତିଦିନ ରୋଗୀମାନଙ୍କୁ ଦିଆଯାଉଥିବା ଖାଦ୍ୟ ଯାଞ୍ଚ ହୋଇପାରୁନାହିଁ। ୨ ଜଣ ନର୍ସ ଏବେ ଏମ୍‌କେସିଜିରେ ଡ଼ାଏଟିସିଆନ ଦାୟିତ୍ୱ ତୁଲାଉଛନ୍ତି। ରୋଗୀମାନେ ପୁଷ୍ଟିକର ଖାଦ୍ୟ ପାଉଛନ୍ତି କି ନାହିଁ ସେନେଇ ପ୍ରଶ୍ନ ଉଠିଛି। ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ଦେବା ପାଇଁ ରହିଛି ପଥ୍ୟ ବିଭାଗ। ବିନା ଡ଼ାଏଟିସିଆନରେ ବିଭାଗ ଏବେ ପଙ୍ଗୁ ପାଲଟିଯାଇଛି। ପ୍ରତିଦିନ ଶୁଖିଲା ଖାଦ୍ୟରେ ବ୍ରେଡ ଓ କ୍ଷୀର ଏବଂ ରନ୍ଧା ଖାଦ୍ୟରେ ଭାତ, ଡ଼ାଲି ଓ ତରକାରି ଦିଆଯାଉଛି। ସୋମବାର, ଗୁରୁବାର ଓ ଶନିବାର ନିରାମିଷ ଖାଦ୍ୟ ଦିଆଯାଉଛି। ମଙ୍ଗଳବାର, ବୁଧବାର, ଶୁକ୍ରବାର ଓ ରବିବାର ଆମିଷ ଦିଆଯାଉଛି ବୋଲି ବିଭାଗ ସୂତ୍ରରୁ ପ୍ରକାଶ। ଏହି ଖାଦ୍ୟ ଦେବା ପାଇଁ ଏକ ଘରୋଇ ସଂସ୍ଥାକୁ ଠିକା ଦିଆଯାଇଛି। ସମ୍ପୃକ୍ତ ସଂସ୍ଥା କିଭଳି ଖାଦ୍ୟ ପ୍ରସ୍ତୁତ କରୁଛି ତା'ର ମାନ ଯାଞ୍ଚ କରିବା ପାଇଁ ଡ଼ାଏଟିସିଆନ ନାହାନ୍ତି। ଏମ୍‌କେସିଜି ମେଡିକାଲ ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକରେ ଖାଦ୍ୟ ମାନ ଯାଞ୍ଚ ପାଇଁ ନିଷ୍ପତ୍ତି ହେବା ସହ ଡ଼ାଏଟିସିଆନ ପଦବୀ ପୂରଣ ପାଇଁ ମଧ୍ୟ ପୂର୍ବରୁ ଅନେକଥର ଆଲୋଚନା ହୋଇଥିଲା। ହେଲେ ଅଦ୍ୟାବଧି କୌଣସି ନିଷ୍ପତ୍ତି କାର୍ଯ୍ୟକାରୀ ହୋଇନାହିଁ। ଟିବି ଓ କ୍ୟାନସର ରୋଗୀଙ୍କ ପାଇଁ ଦୈନିକ ଖାଇବା ବାବଦରେ ୬୦ ଟଙ୍କା ମିଳୁଥିବା ବେଳେ ସାଧାରଣ ରୋଗୀଙ୍କ ପାଇଁ ୫୦ ଟଙ୍କା ମିଳୁଛି। ସମ୍ପ୍ରତି ମହଙ୍ଗା ଯୁଗରେ ଏହି ସୀମିତ ଅନୁଦାନରେ ରୋଗୀଙ୍କୁ କେଉଁ ମାନର ଖାଦ୍ୟ ଦିଆଯାଉଛି ତାହା ଯାଞ୍ଚ କରିବା ନିହାତି ଆବଶ୍ୟକ। ସେପଟେ ଡ଼ାଏଟିସିଆନ ପଦବୀ ପୂରଣ କରିବା ପାଇଁ ମେଡିକାଲ ତରଫରୁ ସରକାରଙ୍କୁ ବାରମ୍ବାର ଚିଠି ଲେଖାଯାଉଛି। ଅନ୍ୟପଟେ ଖାଦ୍ୟ ତିଆରି ପାଇଁ ମେଡିକାଲରେ ସ୍ୱତନ୍ତ୍ର ରୋଷେଇ ଶାଳ ନାହିଁ। ଟେଣ୍ଡର ନେଇଥିବା ଘରୋଇ ସଂସ୍ଥା ବାହାରୁ ଖାଦ୍ୟ ତିଆରି କରି ଆଣୁଛି। କିନ୍ତୁ କେଉଁ ରୋଗୀଙ୍କୁ କିଭଳି ଖାଦ୍ୟ ଦିଆଯିବ ଓ ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧିରେ କେଉଁ ମାନର ଖାଦ୍ୟ ଉପଯୋଗୀ ସେ ପରାମର୍ଶ ଦେବା ପାଇଁ ଡ଼ାଏଟିସିଆନ ନାହାନ୍ତି। ତେଣୁ ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ ଦୃଷ୍ଟି ଦେଇ ଡ଼ାଏଟିସିଆନ ନିଯୁକ୍ତି ପାଇଁ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ମାନବ ଅଧିକାର ସୁରକ୍ଷା ମଞ୍ଚ ଆବାହକ ଅବନୀ ଗୟାଙ୍କ ସମେତ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଏନେଇ ଏମ୍‌କେସିଜି ମେଡିକାଲ ହସ୍ପିଟାଲ ମ୍ୟାନେଜର ଅମିତାଭ ମହାନ୍ତି କୁହନ୍ତି, ସ୍ଥାୟୀ ଡ଼ାଏଟିସିଆନ ନିଯୁକ୍ତି ପାଇଁ ସରକାରଙ୍କୁ ଆମେ ଚିଠି ଲେଖି ଜଣାଇଛୁ। ଖୁବଶୀଘ୍ର ଡ଼ାଏଟିସିଆନ ନିଯୁକ୍ତି ହେବ ବୋଲି ଆଶା ରଖାଯାଇଛି।


ମେଡିକାଲରେ ଚିକିତ୍ସିତ ହେଉଛନ୍ତି ରୋଗୀ।

## ସଂକ୍ଷେପରେ

### ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ

**ଆସିକା, ୨୨।୧୨ (ଡି.ଏନ.ଏ.):** ଆସିକା ବ୍ଲକ ନଳବଣ୍ଟାସ୍ଥିତ ନର୍ମଦେଶ୍ୱର କ୍ରିକେଟ କ୍ଲବ ପକ୍ଷରୁ ରବିବାର ଅଭିମନ୍ୟୁ ଓ ସଚ୍ଚିଦାନନ୍ଦ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଆସିକା ଏମପି ପ୍ରମିଳା ବିଷୋୟୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିଧାୟିକା ମଞ୍ଜୁଳା ସ୍ୱାଇଁ, ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଳିକ, ଆସିକା ବ୍ଲକ ଆତ୍ମାର ଅଧ୍ୟକ୍ଷ ଭଗବାନ ପ୍ରଧାନ, ନଳବଣ୍ଟା ସରପଞ୍ଚ ସୁମିତ୍ରା ପ୍ରଧାନ, ସମିତି ସଭ୍ୟା ରଶ୍ମିତା ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦଘାଟନୀ ମ୍ୟାଚ ସୋରଡା ଓ ଦାମୋଦରପଲ୍ଲୀ ଦଳ ମଧ୍ୟରେ ହୋଇଥିବା ବେଳେ ସୋରଡା ବିଜୟୀ ହୋଇଛି। ଟୁର୍ନାମେଣ୍ଟରେ ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରୁ ୧୬ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ନର୍ମଦେଶ୍ୱର କ୍ରିକେଟ କ୍ଲବର ପ୍ରମୋଦ ପ୍ରଧାନ, ରାମକୃଷ୍ଣ ସାହୁ, ସୁପଥ ପ୍ରଧାନ, ଲଣ୍ଡୁ ପ୍ରଧାନ, ସମୀର ପ୍ରଧାନ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ପରିଚାଳିତ ହେଉଛି।

### ପୁଲୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**ଛତ୍ରପୁର, ୨୨।୧୨ (ଡି.ଏନ.ଏ.):** ପୁଲୱାମାରେ ଶହୀଦ ହୋଇଥିବା ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଅମରନାଥରୁ ରାମେଶ୍ୱର ପର୍ଯ୍ୟନ୍ତ ପଦଯାତ୍ରାରେ ରାହୁଲ ଶର୍ମା ବାହାରିଛନ୍ତି। ଶନିବାର ଛତ୍ରପୁରରେ ତାଙ୍କୁ ଭାଜପା ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏପରି ମହତ କାମ ପାଇଁ ତାଙ୍କୁ ଭାଜପା ପକ୍ଷରୁ କୃତଜ୍ଞତା ଜ୍ଞାପନ ସହ ଭାରତ ମାତା କୀ ଜୟ ସ୍ଲୋଗାନ ଦିଆଯାଇଥିଲା । ଏଥିରେ ପ୍ରଶାନ୍ତ କୁମାର କର, ଗଞ୍ଜାମ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ, ଛତ୍ରପୁର ମଣ୍ଡଳ ସଭାପତି ସଞ୍ଜିତ ରାଉଳ, କଣମଣା ମଣ୍ଡଳ ସଭାପତି ପଦ୍ମ ଚରଣ ସାହୁ, ଭିକାରୀପଲ୍ଲୀ ମଣ୍ଡଳ ସଭାପତି ପଦ୍ମ ଚରଣ ପରିଡା, ଗଞ୍ଜାମ ମଣ୍ଡଳ ସଭାପତି ସୁଦାମ ଚରଣ ଜେନା, ସନ୍ତୋଷପୁର ମଣ୍ଡଳ ସଭାପତି ସନ୍ତୋଷ କୁମାର ନାହାକ, ଛତ୍ରପୁର ଏନ୍‌ଏସି ପୂର୍ବତନ ଉପାଧ୍ୟକ୍ଷ ବସନ୍ତ କୁମାର ବେହେରା, ସୁରେଶ ରେଡ୍ଡୀ, ବିଜୟ କୁମାର ମୁଦୁଲି, କାନ୍ତାରୁ ଦଳେଇ ଓ ରଘୁ ରେଡ୍ଡୀ ପ୍ରମୁଖ ସାମିଲ ଥିଲେ ।

### ବିଇଓ ଅଫିସ ସମ୍ମୁଖରେ ଶିକ୍ଷକଙ୍କ ଧାରଣା

**ଭଞ୍ଜନଗର,୨୨।୧୨(ଡି.ଏନ.ଏ.):** ଭଞ୍ଜନଗର ବ୍ଲକ ମିଳିତ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ଶନିବାର ବିଭିନ୍ନ ଦାବିନେଇ ବିଇଓ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏହି ସମୟରେ ବିଇଓ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିଲେ। ସଂଘ ଦାବିହେଲା ଶିକ୍ଷକମାନଙ୍କ ଛୁଟି ଅନୁମୋଦନ କରିବା, ଲୋକାଲ ଛୁଟି, ପରିଦର୍ଶନ ଛୁଟି ମଞ୍ଜୁର କରିବା ଇତ୍ୟାଦି। ଶିକ୍ଷକ ନେତା ବୀରେନ୍ଦ୍ର ଗୌଡ, ରାଜେଶ ପ୍ରଧାନ, ତ୍ରିନାଥ ପଟ୍ଟନାୟକ, ସଞ୍ଜୟ ପ୍ରଧାନ, ଦିଲୀପ ପ୍ରଧାନ, ଅବିନାଶ ପଣ୍ଡା ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

### ବେଗୁନିଆପଡ଼ାରେ ଧାନମଣ୍ଡିର ଶୁଭାରମ୍ଭ

**ବେଗୁନିଆପଡ଼ା, ୨୨।୧୨ (ଡି.ଏନ.ଏ.):** ବେଗୁନିଆପଡ଼ା ବ୍ଲକ ଅଙ୍ଗାର ଗାଁ ସେବା ସମବାୟ ସମିତି ନୂଆଗଡ଼ରେ ଓ ଷଣ୍ଢମୂଳ ସେବା ସମବାୟ ସମିତି ପରିସରରେ ଯୋଗାଣ ବିଭାଗ ପକ୍ଷରୁ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସିଏସ୍‌ଓ ବିଷ୍ଣୁ ପ୍ରସାଦ ସୂପକାର ଏସିଏସ୍ ଓ ଉମେଶ ଚନ୍ଦ୍ର ସ୍ୱାଇଁ, ବିଡିଓ ପ୍ରଦୀପ କୁମାର ପଣ୍ଡା, ଅତିରିକ୍ତ ତହସିଲଦାର ଅଶୋକ କୁମାର ତ୍ରିପାଠୀ, ଜିଲା ପରିଷଦ ସଭ୍ୟ ପ୍ରଫୁଲ୍ଲ ଚନ୍ଦ୍ର ତିଆଡ଼ି, ଉପାଧ୍ୟକ୍ଷ ଭ୍ରମର ଭୂୟାଁ, ବ୍ଲକ ଯୋଗାଣ ଅଧିକାରୀ ଶରତ ଚନ୍ଦ୍ର ବେହେରା, ସେବା ସମବାୟ ସଭାପତି ରବୀନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ନୂଆଗଡ଼ରେ ପ୍ରଥମ ଦିନରେ ୩ ଚାଷୀଙ୍କର ୪୫ କୁଇଣ୍ଟାଲ ଧାନ କିଣା ଯାଇଥିବା ବେଳେ ଷଣ୍ଢମୂଳରେ ଜଣେ ଚାଷୀଙ୍କର ୫୦ କୁଇଣ୍ଟାଲ ଧାନ କିଣା ଯାଇଥିଲା। ସରକାରଙ୍କ ନୂତନ ଟୋକେନ ଓ ସ୍କାନର ବ୍ୟବସ୍ଥା ନେଇ ଅନେକ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଅଭିଯୋଗ କରିଥିଲେ। ଏଥିପାଇଁ ଧାନ ବିକ୍ରୟ ନେଇ ଚାଷୀଙ୍କ ସନ୍ଦେହ ସୃଷ୍ଟି କରିଛନ୍ତି। ସମସ୍ତ ଚାଷୀଙ୍କ ଧାନ ସୁରୁଖୁରୁରେ କ୍ରୟ କରାଯିବ ବୋଲି ସିଏସ୍‌ଓ କହିଥିଲେ।

# ରାଜ୍ୟସ୍ତରୀୟ ଯୁବ ଉତ୍ସବରେ ଗଞ୍ଜାମ ଜିଲାକୁ ୬ ପୁରସ୍କାର


ପୁରସ୍କାର ସହ କୃତୀ ପ୍ରତିଯୋଗୀ ।

## କାଳୁଚରଣ, ମୋନାଲି, ଝଟକା ଜାତୀୟସ୍ତରକୁ ମନୋନୀତ

ବ୍ରହ୍ମପୁର ଅଫିସ,୨୨।୧୨

ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ଭଦ୍ରକରେ ଆୟୋଜିତ ୨୫ତମ ରାଜ୍ୟସ୍ତରୀୟ ଯୁବ ଉତ୍ସବରେ ଗଞ୍ଜାମ ଜିଲା ଅଭୂତପୂର୍ବ ସଫଳତା ହାସଲ କରିଛି । ଏଥିରେ ବିଭିନ୍ନ ପ୍ରତିଯୋଗିତାରେ ଗଞ୍ଜାମ ଜିଲା ୬ ପ୍ରତିଯୋଗିତାରେ ପୁରସ୍କୃତ ହୋଇଛି । ସେଥିମଧ୍ୟରେ ତିନୋଟି ପ୍ରତିଯୋଗିତାରେ ରାଜ୍ୟସ୍ତରରେ ପ୍ରଥମ ହୋଇଥିବା ବେଳେ ତିନୋଟି ପ୍ରତିଯୋଗିତାରେ ଦ୍ୱିତୀୟ ପୁରସ୍କାର ହାସଲ କରିଛି । ଗୀଟାରରେ କାଳୁଚରଣ ମହାରଣା, ଭାରତନାଟ୍ୟମ୍‌ରେ ମୋନାଲି ଦାଶ, ମୃଦଙ୍ଗରେ ଝଟକା ବେହେରା ରାଜ୍ୟସ୍ତରରେ ପ୍ରଥମ ହୋଇଛନ୍ତି । ଏହି ପ୍ରତିଯୋଗିମାନେ ଜାନୁୟାରୀ ୬ରେ ଲକ୍ଷ୍ନୌରେ ଅନୁଷ୍ଠିତ ଜାତୀୟସ୍ତରୀୟ ଯୁବ ଉତ୍ସବରେ ଯୋଗଦେବା ନେଇ ସୂଚନା ମିଳିଛି । ସେହିପରି କୁଚିପୁଡି ନୃତ୍ୟରେ ମୋନାଲି ଦାଶ, କଥକରେ ଚର୍ଚ୍ଚିକା ଦାଶ, ୱାନ୍ ଆକ୍ଟ ପ୍ଲେରେ ନାଳନ୍ଦା ଯୁକ୍ତ ୨ ମହାବିଦ୍ୟାଳୟ ଦଳ ରାଜ୍ୟସ୍ତରରେ ଦ୍ୱିତୀୟ ହୋଇଛନ୍ତି। ରବିବାର ସକାଳେ ଗଞ୍ଜାମ ଦଳ ବ୍ରହ୍ମପୁରରେ ପହଞ୍ଚିବା ପରେ ଗଞ୍ଜାମ ଜିଲା କ୍ରୀଡା ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କ ସମେତ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ବିଜେତା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।

ସୂଚନାଯୋଗ୍ୟ, ଭଦ୍ରକ ନେହେରୁ ଷ୍ଟାଡିୟମରେ ଡିସେମ୍ବର ୧୮ରୁ ୨୧ ପର୍ଯ୍ୟନ୍ତ ୪ଦିନ ବ୍ୟାପୀ ୨୫ତମ ରାଜ୍ୟସ୍ତରୀୟ ଯୁବଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଞ୍ଜାମ ଜିଲାର ୧୩ ବିଭାଗରେ ଭାଗ ନେବାକୁ ୫୭ ପ୍ରତିଯୋଗୀ ଗତ ୧୭ ତାରିଖରେ ଭଦ୍ରକ ଗସ୍ତ କରିଥିଲେ ।

### ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

# ଗୁଣାତ୍ମକ ଉଚ୍ଚଶିକ୍ଷାର କେନ୍ଦ୍ର ହେବ ବିଦ୍ୟାମନ୍ଦିର

ବ୍ରହ୍ମପୁର ଅଫିସ,୨୨।୧୨

ଉଚ୍ଚବିଚାର, ଦୃଢସିଦ୍ଧାନ୍ତ, ବାସ୍ତବିକତା ଶିକ୍ଷା ମନୁଷ୍ୟକୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇଥାଏ । ଏଥିପ୍ରତି ଗୁରୁତ୍ୱ ଦେବା ସହ ନିଷ୍ଠା, ଏକାଗ୍ରତା ସହ ପରିଶ୍ରମ କଲେ ଭବିଷ୍ୟତରେ ସଫଳତା ମିଳିବ ବୋଲି ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୮ତମ ବାର୍ଷିକୋତ୍ସବରେ ଯୋଗଦେଇ ଅତିଥିମାନେ ଏହା କହିଛନ୍ତି । ପ୍ରାରମ୍ଭଠାରୁ ସ୍ନାତକ ପର୍ଯ୍ୟନ୍ତ ପାଠ୍ୟକ୍ରମ ଅଧ୍ୟୟନ କ୍ଷେତ୍ରରେ ବ୍ରହ୍ମପୁର ନୀଳକଣ୍ଠନଗର ଶିଶୁ ମନ୍ଦିର ରାଜ୍ୟର ଏକମାତ୍ର ଶିକ୍ଷାନୁଷ୍ଠାନ ଭାବେ ପରିଚୟ ସୃଷ୍ଟି କରିଛି । ଆଗାମୀ ଦିନରେ ଏହି ଅନୁଷ୍ଠାନ ଉଚ୍ଚଶିକ୍ଷାର ଏକ କେନ୍ଦ୍ର ହେବ। ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ୩୮ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ନିର୍ମିତ ହେବାକୁ ଥିବା ନୂତନ କୋଠାର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ପାଠପଢା ବ୍ରହ୍ମପୁର ଥିବା ଜାତୀୟସ୍ତରୀୟ ଗବେଷଣା ପ୍ରତିଷ୍ଠାନ ତଥା ବୈଷୟିକ ଅନୁଷ୍ଠାନ, ଆର୍ମି ଏଡି କଲେଜ ପ୍ରମୁଖ ସ୍ଥଳକୁ ଛାତ୍ରୀଛାତ୍ରଙ୍କୁ ପରିଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ । ଦେଶ ଓ ରାଜ୍ୟପାଇଁ ନିଜର ଦାୟିତ୍ୱକୁ ପ୍ରତିପାଦିତ କରିବା ନିମିତ୍ତ ନିଜକୁ ଗଢି ତୋଳିବାକୁ ମୁଖ୍ୟଅତିଥି ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଦୁର୍ନୀତି ନିବାରଣ ବିଭାଗ ଅଧୀକ୍ଷକ ଦେବଦତ୍ତ ପଟ୍ଟନାୟକ ଛାତ୍ରୀଛାତ୍ରଙ୍କୁ ଜାତିଗତ ଭେଦଭାବରୁ ଦୂରେଇ ରହିବା ଓ ନାରୀଙ୍କୁ ସମ୍ମାନ ଦେବା ଉପରେ ସଚେତନ କରାଇଥିଲେ । ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର, ଉଚ୍ଚଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ପରିଚାଳନା ସମିତି ଅଧ୍ୟକ୍ଷ ଡ. ଶ୍ରୀକାନ୍ତ ମହାପାତ୍ର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ପରିଚାଳନା ସମିତି କୋଷାଧ୍ୟକ୍ଷ ରବୀନ୍ଦ୍ରନାଥ ଜେନା, ଉପଦେଷ୍ଟା ନରସିଂହ ଚୌଧୁରୀ, ଧର୍ମରାଜ ସାହୁ, ହରିକୃଷ୍ଣ ପାଢୀ ଓ ସୁଦର୍ଶନ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ଏସ୍. ମୋହନ ରାଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ପରିଚାଳନା ସମିତି ସମ୍ପାଦକ ନାରାୟଣ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନାଚାର୍ଯ୍ୟ ଉମାଧବ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଚଳିତ ବର୍ଷ ବିଦ୍ୟାଳୟରେ ଅଧ୍ୟୟନରତ ମେଡିକାଲ ପ୍ରବେଶିକା ପରୀକ୍ଷାରେ ଚୟନ ହୋଇଥିବା ୭୪ ଛାତ୍ରୀଛାତ୍ର, ନାଇଜର ପାଇଥିବା ୨ ଛାତ୍ର, ଆଇଆଇଟି ପାଇଥିବା ୩, ଆଇକାର ୩, ଆଇଜର ୮ ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିଶୁମନ୍ଦିରର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ପରିଚାଳନା ସମିତି ଯୁଗ୍ମ ସମ୍ପାଦିକା ଇଂ ମମତା ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।


ଉପସ୍ଥିତ ଛାତ୍ରୀଛାତ୍ର ।

# ଗଜପତି ନଗରରେ ବିଜେଡି ବୈଠକ

ବ୍ରହ୍ମପୁର ଅଫିସ,୨୨।୧୨

ବ୍ରହ୍ମପୁରରେ ବଜୁ ଜନତା ଦଳ(ବିଜେଡି)ର ବୈଠକ ରବିବାର ଗଜପତି ନଗରରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୪ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗୋପାଳପୁର ଗସ୍ତ ବେଳେ ମହାନଗରର ସମସ୍ତ ୪୦ ୱାର୍ଡରୁ ବହୁ ସଂଖ୍ୟକ ଲୋକ ଯେଭଳି ସେଠାରେ ପହଞ୍ଚି ତାଙ୍କୁ ସ୍ୱାଗତ ଜଣାଇବେ ସେ ଉପରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରତ୍ୟେକ ୱାର୍ଡରୁ ଅନ୍ୟୁନ ୫୦୦ ଲେଖାଏ ଲୋକଙ୍କୁ ନେବା ପାଇଁ ପୂର୍ବତନ କର୍ପୋରେଟରମାନଙ୍କୁ କୁହାଯାଇଥିଲା। ଅପରପକ୍ଷରେ ୨୬ ତାରିଖରେ ଦଳ ପ୍ରତିଷ୍ଠା ଦିବସ ମହାନଗରରେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟ ଓ ଶିବ ଶଙ୍କର ସାହାଣୀ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ବିସିସି ବ୍ୟାଙ୍କ ସଭାପତି ଅଲେଖ ଚୌଧୁରୀ, ବିଡିଏ ପୂର୍ବତନ ଅଧ୍ୟକ୍ଷ ସୁବାସ ମହାରଣା, ପୂର୍ବତନ ବିଏମ୍‌ସି ମେୟର କେ. ମାଧବୀ, ମହିଳା ବିଜେଡି ଜିଲା ସଭାନେତ୍ରୀ ସଙ୍ଘମିତ୍ରା ଦଳାଇ, ଯୁବ ବିଜେଡି ଜିଲା ସଭାପତି ଧନଞ୍ଜୟ ରାଓ ପ୍ରମୁଖ ଯୋଗ ଦେଇଥିଲେ । ଜିଲା ସଂଗଠନ ସାଧାରଣ ସମ୍ପାଦକ ଅନୀଲ ସାହୁ ଓ ଜଗନ୍ନାଥ ସାବତ, ମହାନଗର ସଂଗଠନ କର୍ମକର୍ତ୍ତା ଓ ଯୁବନେତା ଦଣ୍ଡପାଣି ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଉପରୋକ୍ତ ଦୁଇଟି ଯାକ କାର୍ଯ୍ୟକ୍ରମକୁ ଦଳ କର୍ମୀମାନେ ଶୃଙ୍ଖଳିତ ଭାବେ ସମାପନ କରିବାକୁ ପରାମର୍ଶ ଦିଆଯାଇଥିଲା ।

# ରାମେଶ୍ୱର ସ୍ପୋର୍ଟିଂ କ୍ଲବ ବିଜୟୀ

## କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ବ୍ରହ୍ମପୁର ଅଫିସ,୨୨।୧୨:** ଜୁନିୟର କ୍ରିକେଟ କ୍ଲବ ପକ୍ଷରୁ ଚତୁର୍ଥ ବିନାୟକ ଆଚାର୍ଯ୍ୟ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ଖେଳପଡିଆରେ ଆୟୋଜିତ ଟୁର୍ନାମେଣ୍ଟକୁ ବ୍ରହ୍ମପୁର ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ପୂର୍ବତନ କର୍ପୋରେଟର ଦଣ୍ଡପାଣି ନାୟକ, ରାଜେଶ୍ୱର ରେଡ୍ଡୀ, ବଡବଜାର ଥାନାଧିକାରୀ ପ୍ରଶାନ୍ତ ଭୂପତି, ସାମାଜିକକର୍ମୀ ଲଳିତ ମଙ୍ଗରାଜ, ବିଜେଡି ସଦସ୍ୟ ଖଲିଲ ଅହମ୍ମଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନିଲ ଚୌଧୁରୀ, ପ୍ରଭାତ କୁମାର ସାହୁ ଓ ଅସିତ ସାବତ ପ୍ରମୁଖ ମଞ୍ଚାସୀନ ଥିଲେ। ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟୁର୍ନାମେଣ୍ଟରେ ୮ ଦଳ ଭାଗ ନେଇଛନ୍ତି। ସେଗୁଡ଼ିକ ହେଲା ରାମେଶ୍ୱର କ୍ରିକେଟ କ୍ଲବ, ରୟାଲ କ୍ରିକେଟ କ୍ଲବ, ଅକ୍ସଫୋର୍ଡ ସ୍ପୋର୍ଟିଂ କ୍ଲବ, ଖଲ୍ଲିକୋଟ କ୍ରିକେଟ କ୍ଲବ, ଜୁନିୟର କ୍ରିକେଟ କ୍ଲବ, ମହମ୍ମଦ କ୍ରିକେଟ କ୍ଲବ, ଅଲଫା ସ୍ପୋର୍ଟିଂ କ୍ଲବ, ଲେଡିକ୍ ସ୍ପୋର୍ଟିଂ ଇତ୍ୟାଦି ଭାଗ ନେଇଛନ୍ତି। ଉଦ୍‌ଘାଟନୀ ଦିବସରେ ବ୍ରହ୍ମପୁର ରାମେଶ୍ୱର ସ୍ପୋର୍ଟିଂ କ୍ରିକେଟ କ୍ଲବ ଓ ରୟାଲ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ ଖେଳାଯାଇଥିଲା । ପ୍ରଥମେ ରୟାଲ କ୍ଲବ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ଫଳରେ ରାମଶ୍ୱର ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୭୭ ରନ୍ ସଂଗ୍ରହ କରିବାରେ ସମର୍ଥ ହୋଇଥିଲା। ପରବର୍ତ୍ତୀ ଇନିଂସ୍‌ରେ ରୟାଲ କ୍ରିକେଟ କ୍ଲବ ସମସ୍ତ ଉଇକେଟ ହରାଇ ମାତ୍ର ୧୧୧ ରନ କରିବାରେ ସକ୍ଷମ ହୋଇଥିଲା । ଏଣୁ ରାମେଶ୍ୱର ସ୍ପୋର୍ଟିଂ କ୍ଲବ ୬୬ ରନ୍‌ରେ ବିଜୟୀ ହୋଇଥିଲା । ରାମେଶ୍ୱର କ୍ଲବ ପକ୍ଷରୁ ସୁନୀଲ ପାଣିଗ୍ରାହୀ ୬୭ ରନ ସଂଗ୍ରହ କରିଥିବା ବେଳେ ସାଗର ପଣ୍ଡା ସର୍ବାଧିକ ୪୧ ରନ ସଂଗ୍ରହ କରିଥିଲେ। ଅମ୍ପାୟାର ଭାବେ ରଞ୍ଜନ କୁମାର ସାହୁ, ଦୀନବନ୍ଧୁ ଚୌଧୁରୀ ଏବଂ ସ୍କୋରର ମନୋଜ କୁମାର ବେହେରା ମ୍ୟାଚ ପରିଚାଳନା କରିଥିଲେ। ସୋମବାର ଅକ୍ସଫୋର୍ଡ ସ୍ପୋର୍ଟିଂ କ୍ଲବ ଓ ଖଲ୍ଲିକୋଟ କ୍ରିକେଟ କ୍ଲବ ମଧ୍ୟରେ ମୁକାବିଲା ହେବା ନେଇ ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

### ବିସିସି ବ୍ୟାଙ୍କ ବାର୍ଷିକ ସାଧାରଣ ଅଧିବେଶନ

# କୃଷି ନୀତି ଅନୁଯାୟୀ ଚାଷୀଙ୍କୁ ଋଣ ଲଗାଣ

ବ୍ରହ୍ମପୁର ଅଫିସ,୨୨।୧୨

ଶତାଧିକ ବର୍ଷର ପୁରାତନ ସମବାୟ ଅନୁଷ୍ଠାନ ବ୍ରହ୍ମପୁର ସମବାୟ କେନ୍ଦ୍ର (ବିସିସି) ବ୍ୟାଙ୍କର ୨୦୧୮-୧୯ ବର୍ଷର ସାଧାରଣ ଅଧିବେଶନ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ମୁଖ୍ୟାଳୟରେ ହୋଇଥିବା ଅଧିବେଶନରେ ସଭାପତି ଅଲେଖ ଚୌଧୁରୀ ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବାରୁ ଅତୀତରେ ବ୍ୟାଙ୍କ ଦୁଇଥର ଜାତୀୟସ୍ତରରେ ପୁରସ୍କୃତ ହୋଇଥିବା ସେ ମନେ ପକାଇ ଥିଲେ। ମୁଖ୍ୟତଃ ଚାଷୀଙ୍କୁ ସବୁବର୍ଷ ବହୁ କୋଟି ଟଙ୍କା କୃଷି ଋଣ ଲଗାଣ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେଇଥିବା ସୂଚାଇଥିଲେ। ଏବେ ରାଜ୍ୟ ସରକାରଙ୍କ ନୂଆ କାର୍ଯ୍ୟକ୍ରମ ୫-ଟି ଏବଂ ମୋ ସରକାରକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇ କାର୍ଯ୍ୟକାରୀ କରାଯାଉଥିବା ଦର୍ଶାଇଥିଲେ। ରାଜ୍ୟ ସରକାରଙ୍କ କୃଷି ନୀତିର ସଫଳ ରୂପାୟନ ପାଇଁ ପଦକ୍ଷେପ ନିଆଯାଇଛି । ଏହି ବ୍ୟାଙ୍କ ଅଧୀନ ଗଞ୍ଜାମ ଓ ଗଜପତି ଜିଲାରେ ୨୩ ଶାଖା ବ୍ୟାଙ୍କ ଖୋଲାଯାଇଛି। କେବଳ ଋଣ ଲଗାଣ ନୁହେଁ, ଆଦାୟକୁ ମଧ୍ୟ କଡ଼ାକଡ଼ି କରାଯାଇଥିବା ସଭାପତି ସୂଚାଇଥିଲେ। ଅପରପକ୍ଷରେ ଦୁର୍ଗମ ମାଳ ଅଞ୍ଚଳବାସୀଙ୍କୁ ଟଙ୍କା ଦେଣନେଣ ପାଇଁ ବ୍ୟାଙ୍କ ପକ୍ଷରୁ ଭ୍ରାମ୍ୟମାଣ ଏଟିଏମ୍ ସୁବିଧା ଉପଲବ୍ଧ କରାଯାଇଛି।

୨୦୧୮-୧୯ ବର୍ଷରେ ବ୍ୟାଙ୍କରେ ୪୬୮ କୋଟି ୫୬ ଲକ୍ଷ ୧୨ ହଜାର ଟଙ୍କା ଜମା ସଂଗ୍ରହ କରାଯାଇଛି। ସରକାରୀ ନିର୍ଦ୍ଦେଶ ପ୍ରକାରେ ଋଣ ଲଗାଣକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଏହି ପରିମାଣ ୪୦୮.୪୬ କୋଟିରୁ ଅଧିକ ହୋଇଛି।

ବ୍ୟାଙ୍କ ଅଧୀନ ଦୁଇ ଜିଲାରେ ୨୫୦ ପ୍ରାଥମିକ ସେବା ସମବାୟ ସମିତି (ପ୍ୟାକ୍ସ) ଏବଂ ୬ ଲ୍ୟାମ୍ପସ୍ ରହିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ବ୍ୟାଙ୍କର ନିଜସ୍ୱ ପାଣ୍ଠି ୬୮.୧୩ କୋଟିକୁ ବୃଦ୍ଧି ପାଇଥିବା ସଭାପତି ସୂଚାଇଥିଲେ। ତେବେ କର୍ମଚାରୀ ଅଭାବ ସମସ୍ୟା ସୃଷ୍ଟି କରୁଥିବା ସେ ଦର୍ଶାଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସାମ୍ନା କରୁଥିବା ଚାଷୀମାନଙ୍କ ଫସଲ ନିମନ୍ତେ ବ୍ୟାଙ୍କ ପକ୍ଷରୁ ଶସ୍ୟବୀମା ଯୋଜନା ପ୍ରଚଳିତ ହୋଇଥିବା ଚୌଧୁରୀ କହିଥିଲେ। ଅଧିବେଶନରେ ବ୍ୟାଙ୍କ ସଂଲଗ୍ନ ସମବାୟ ଅନୁଷ୍ଠାନ କର୍ମକର୍ତ୍ତା, ସୋସାଇଟି ସଭାପତି, ସମ୍ପାଦକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ପରିଚାଳନା ବୋର୍ଡ ସମ୍ପାଦକ ତଥା ସିଇଓ ଭି. ତାରକା ନାଧମ ଏଜେଣ୍ଡା ଉପସ୍ଥାପନ ଓ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଉପସଭାନେତ୍ରୀ ସିଏଚ୍ ତାରକେଶ୍ୱରୀ, ପରିଚାଳନା ବୋର୍ଡ ଡାଇରେକ୍ଟର ସନ୍ତୋଷ ପାତ୍ର, କୈଳାସ ରଣା, ଗାୟତ୍ରୀ ଦଳାଇ, ଆର. ରାମ ପ୍ରସାଦ, ବି. ତ୍ରିନାଥ, ଆର. ସରସ୍ୱତୀ, ଏ. ଖଲି ରେଡ୍ଡୀ, ବି. ଧନଞ୍ଜୟଲୁ, ସଞ୍ଜୟ କୁମାର ସେଠୀ, ତମାଳ ନାହାକ, ହେମନ୍ତ ଶିଶିର ପ୍ରଧାନ, ବସନ୍ତ କୁମାର ପଟ୍ଟନାୟକ ଓ ଆପନା ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ।

ଅଧିବେଶନରେ ବ୍ରହ୍ମପୁର ସମବାୟ ପାଇକାରୀ ଭଣ୍ଡାର ସଭାପତି ସୁଧୀର କୁମାର ରାଉତ, ବ୍ରହ୍ମପୁର ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ସଭାପତି ସୁରେଶ ଚନ୍ଦ୍ର ସାହୁ, କାର୍ଡ ବ୍ୟାଙ୍କ ସଭାପତି ବୃନ୍ଦାବନ ଖଟେଇ, ପୁରୁଷୋତ୍ତମପୁର ସୋସାଇଟି ସମ୍ପାଦକ ବିଘ୍ନରାଜ ପାଢ଼ୀ ପ୍ରମୁଖ ସମବାୟର ବିଭିନ୍ନ ସମସ୍ୟା ନେଇ ଆଲୋକପାତ କରିଥିଲେ। ସମବାୟ ବିଭାଗର ଅଧିକାରୀମାନେ ଏଥିରେ ଯୋଗ ଦେଇଥିଲେ।

- ୫-ଟି କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇଛି
- ମାଳ ଅଞ୍ଚଳବାସୀଙ୍କ ପାଇଁ ଭ୍ରାମ୍ୟମାଣ ଏଟିଏମ୍ ଉପଲବ୍ଧ


ମଞ୍ଚାସୀନ ସଭାପତି ଓ ପରିଚାଳନା ନିର୍ଦ୍ଦେଶକମାନେ।

## ସଂକ୍ଷେପରେ

### ଏଟିଏମ୍ ଭାଙ୍ଗି ଟଙ୍କା ଚୋରି ଉଦ୍ୟମ, ୨ ଗିରଫ

ଗଞ୍ଜାମ, ୨୨।୧୨(ଡି.ଏନ୍.ଏ.): ରମ୍ଭା ଥାନା ଅନ୍ତର୍ଗତ ପାଲୁରୁ ଜଙ୍କସନ୍ ସ୍ଥିତ ଏକ ଏଟିଏମ୍ ଭାଙ୍ଗି ଟଙ୍କା ଚୋରି କରିବା ଉଦ୍ୟମ ଅଭିଯୋଗରେ ରବିବାର ହୁମ୍ମା ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପୁରୀ ଜିଲା ମାଲୁଦ ଅଞ୍ଚଳର ଉତ୍ତମ ଜେନା ଓ କୁମାର ପ୍ରଧାନ। ନଂ. ୨୯୭/୧୯ରେ ମାମଲା ରୁଜୁ କରି ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ହୁମ୍ମା ଫାଣ୍ଡି ଅଧିକାରୀ ରାମଚନ୍ଦ୍ର ବେହେରାଙ୍କ ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ଉତ୍ତମ ଓ କୁମାର ଉକ୍ତ ଏଟିଏମ୍ ଭାଙ୍ଗି ଟଙ୍କା ଚୋରି ଉଦ୍ୟମ କରୁଥିଲେ। ଏହା ଦେଖି ସେଠାରେ ଥିବା ଲୋକେ ପାଟି କରିବାରୁ ଅଭିଯୁକ୍ତମାନେ ଦୌଡ଼ି ପଳାଇଯାଇଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଧରିବା ସହ ଏକ ବାଇକ୍ ଜବତ କରିଛି।

### ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ

କବିସୂର୍ଯ୍ୟନଗର, ୨୨।୧୨ (ଡି.ଏନ୍.ଏ.): କବିସୂର୍ଯ୍ୟନଗର ଏନ୍ଏସି ଜଟେଶ୍ୱର ସାହିର ବିଳମ୍ବର ପ୍ରଧାନଙ୍କ ପୁଅ ଶିବରାମ ଓ ସ୍ତ୍ରୀ ହିନ୍ଦୀଙ୍କୁ ଶନିବାର ରାତି ପ୍ରାୟ ୧୧ଟାରେ ଦୁର୍ବୃତ୍ତମାନେ ଖଣ୍ଡାରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ନଂ. ୩୦୭, ୩୨୫,୪୫୨/୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିବା ଆଇଆଇସି ପ୍ରଭାତ କୁମାର ସାହୁ କହିଛନ୍ତି। ପୋଲିସର ସୂଚନା ଅନୁସାରେ, ଗତ ରାତିରେ ଶିବରାମ ଜଳଖିଆ ଦୋକାନ ବନ୍ଦ କରି ଘରକୁ ଆସି ବିଶ୍ରାମ ନେଉଥିବା ବେଳେ ଦୁର୍ବୃତ୍ତମାନେ ଘରେ ପଶି ତାଙ୍କୁ ଆକ୍ରମଣ କରିଥିଲେ। ଏହା ଦେଖି ତାଙ୍କ ମା' ହିନ୍ଦୀ ପ୍ରତିବାଦ କରିବାରୁ ତାଙ୍କ ମୁଣ୍ଡକୁ ମଧ ଖଣ୍ଡାରେ ଆକ୍ରମଣ କରାଯାଇଥିଲା। ଉଭୟ ଆହତଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଶିବରାମଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି।

### କ୍ରୀଡ଼ା ପ୍ରତିଯୋଗିତା

ଛତ୍ରପୁର,୨୨।୧୨(ଡି.ଏନ୍.ଏ.)- ଛତ୍ରପୁରସ୍ଥିତ ଅନସ୍ଲୋ ହାଇସ୍କୁଲ ଖେଳପଡିଆ ଠାରେ ନେହେରୁ ଯୁବକେନ୍ଦ୍ର ଓ କ୍ରାନ୍ତିବୀର ଯୁବ ଛାତ୍ର ସଂଘ ପକ୍ଷରୁ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନଷ୍ଠିତ ହୋଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ ଛତ୍ରପୁର ବ୍ଲକ ଅଧକ୍ଷ ଏମ୍. ଧନଞ୍ଜୟ ରେଡ୍ଡି, ସମ୍ମାନିତ ଅତିଥି ଭାବେ ସୁଧୀର ପଟ୍ଟନାୟକ, ସୀମାଞ୍ଚଳ ନାହାକ, ଇଜୁ ଅମିନ୍ ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ। ପୁରସ୍କାର ବିତରଣୀରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ଭାଗିରଥି ବେହେରା, ପ୍ରମୋଦ ଜେନା ଯୋଗଦେଇଥିଲେ। କବାଡି ପୁରୁଷରେ ଆର୍ଜିପଲ୍ଲୀ, ମହିଳାରେ ଛତ୍ରପୁର, ଖୋଖୋରେ ବଡମାଧପୁର ଓ ଭଲିବଲ୍‌ରେ ଲକ୍ଷ୍ମୀପୁର ଟିମ୍ ବିଜୟୀ ହୋଇଛି।

### ଜୁଆ ଆଡ୍ଡାରେ ଚଢ଼ାଉ, ୬ କୋର୍ଟ ଚାଲାଣ

ଗୋପାଳପୁର,୨୨।୧୨-ଗୋଳନ୍ଥରା ଥାନା ପୋଲିସ ଶନିବାର ରାତିରେ ପଞ୍ଚମା ଗ୍ରାମ ଗଣେଶ ମନ୍ଦିର ନିକଟ ଆମ୍ବତୋଟାରେ ଚାଲିଥିବା ଜୁଆ ଆଡ୍ଡାରେ ଚଢ଼ାଉ କରି ୬ ଜଣଙ୍କୁ ଗିରଫ କରିଥିଲା। ସେଠାରୁ ୮୧୦୦ ଟଙ୍କା, ୩ ବାଇକ, ଗୋଟିଏ ଅଟୋ ଓ ତାସ ମୁଠା ଜବତ ହୋଇଥିଲା। ଏ ନେଇ ଥାନାରେ ନଂ. ୩୨୫/୧୯ରେ ମାମଲା ରୁଜୁ କରାଯାଇଛି। ରବିବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଅଧିକାରୀ ବାବୁଲି ନାୟକ କହିଛନ୍ତି।

### ବେଟି ବଞ୍ଚାଅ, ବେଟି ପଢ଼ାଅ କାର୍ଯ୍ୟକ୍ରମ

ହିଞ୍ଜିଳିକାଟୁ,୨୨।୧୨(ଡି.ଏନ୍.ଏ):ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ସହଯୋଗିତାରେ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଶନିବାର ବେଟି ବଞ୍ଚାଅ, ବେଟି ପଢ଼ାଅ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପରିସରରେ ଆୟୋଜିତ ନିର୍ଭୟ କଢ଼ି ଓ ମୋ ଗେହ୍ଲା ଝିଅ ଆଦି ଶିଶୁ କନ୍ୟା ସୁରକ୍ଷା ନେଇ ଦିନିକିଆ ତାଲିମ କର୍ମଶାଳାରେ ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶରତ ଚନ୍ଦ୍ର ମହାରଣା ତତ୍ତ୍ୱାବଧାନ କରିଥିବା ବେଳେ ବିଡ଼ିଓ ପ୍ରସନ୍ନ କୁମାର ପାତ୍ର ଅଧକ୍ଷତା କରିଥିଲେ। ବ୍ଲକ ଅଧକ୍ଷ ଏନ ରଘୁନାଥ,ତହସିଲଦାର ଗୋପୀନାଥ କୁଅଁର, ପୂର୍ବତନ ବିଡିଓ ଶରତ ଚନ୍ଦ୍ର ମହାପାତ୍ର, ସିଡିପିଓ ଶୁଭଶ୍ରୀ ପାତ୍ର ମଞ୍ଚାସୀନ ଥିଲେ।

# ଖୋଲିଲା ମଣ୍ଡି, ଧାନ ବିକ୍ରିକୁ ନେଇ ଅଚଳାବସ୍ଥା

ଦିଗପହଣ୍ଡି,୨୨।୧୨(ଡି.ଏନ.ଏ.)

ମଣ୍ଡି ଜରିଆରେ ଚାଷୀଙ୍କ ଧାନ ବିକ୍ରିକୁ ନେଇ ଅଚଳାବସ୍ଥା ସୃଷ୍ଟି ହୋଇଛି। ମିଲର ଅଥରିଟି ସ୍ଲିପ (ଏମଏଏସ) ମାସ ଓ ସୋସାଇଟି ଅଥରିଟି ସ୍ଲିପ (ଏସଏଏସ) ସାସ ପ୍ରସ୍ତୁତ ହୋଇ ନ ଥିବାରୁ ଧାନ କ୍ରୟ ପାଇଁ ଟୋକନ ଜେନେରେଟ ହୋଇପାରୁନି। ଅନେକ ପଞ୍ଚାୟତରେ ରବିବାର ସୁଦ୍ଧା ଧାନ ମଣ୍ଡି ଖୋଲି ନ ଥିବାରୁ ଚାଷୀ ଆନ୍ଧ୍ର ବେପାରୀଙ୍କୁ ଶାଗ ମାଛ ଦରରେ ଧାନ ବିକ୍ରି କରିବାକୁ ବାଧ ହେଉଥିବା ଅଭିଯୋଗ ହେଉଛି। ଅମଳ ଧାନ ରଖିବା ସ୍ଥାନର ଅଭାବ ଓ ହାତୀ ଉପଦ୍ରବ ସାଙ୍ଗକୁ ବର୍ଷା ହେବା ଆଶଙ୍କାରେ ଚାଷୀ ବାଧହୋଇ ଧାନ ବିକିବା ପାଇଁ ଦଲାଲଙ୍କ ଶିକାର ହେଉଥିବା କହିଛନ୍ତି। ଅପରପକ୍ଷେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଖାଦ୍ୟ ଯୋଗାଣ ବିଭାଗ ପକ୍ଷରୁ ଧାନ ମଣ୍ଡିର ଶୁଭାରମ୍ଭ କରାଯାଇଛି। ବ୍ଲକ ଅଧୀନ ବି.ଡୁରୁବୁଡି ଗ୍ରାମ ସ୍ଥିତ ରଘୁନାଥ ମହାପ୍ରଭୁ ସେବା ସମବାୟ ସମିତିରେ ଖୋଲାଯାଇଥିବା ଧାନ ମଣ୍ଡିରେ ସମବାୟ ସଭାପତି ରାମକୃଷ୍ଣ ଚୌଧୁରୀ, ସମ୍ପାଦକ ବିନୋଦ କୁମାର ପଣ୍ଡା, ନିୟନ୍ତ୍ରିତ ବଜାର କମିଟି ଉପସଭାପତି ଗୌରାଙ୍ଗ ସାହୁଙ୍କ ଉପସ୍ଥିତିରେ ୫ ଚାଷୀଙ୍କଠାରୁ କୁଇଣ୍ଟାଲ ପ୍ରତି ୧୮୧୫ ଟଙ୍କା ଦରରେ ୯୪ କୁଇଣ୍ଟାଲ ୨୬ କେ.ଜି ଧାନ କ୍ରୟ କରାଯାଇଛି। ସେହିପରି ଦେଓଖାଳି ପ୍ରାଥମିକ ସେବା ସମବାୟ ସମିତି ସଭାପତି ବିଶ୍ୱନାଥ ପ୍ରଧାନ, ସମବାୟ ସମିତି ସମ୍ପାଦକ ଅଶୋକ ପ୍ରଧାନ ଓ ମିଲରମାନଙ୍କ ଉପସ୍ଥିତିରେ ୪ ଚାଷୀଙ୍କଠାରୁ ୧୪୮ କୁଇଣ୍ଟାଲ ୪୬ କେ. ଜି ଧାନ କିଣାଯାଇଥିବା ଦିଗପହଣ୍ଡି ମାର୍କେଟିଂ ଇନ୍ସପେକ୍ଟର ସୌଭାଗ୍ୟ ରଞ୍ଜନ ନାୟକ କହିଛନ୍ତି। ଦିଗପହଣ୍ଡି ବ୍ଲକ ଓ ଏନଏସିର ୨୩ ସେବା ସମବାୟ ସମିତି ସମେତ କୋଟିନଡ଼ା ଓ ବିଜୟ ଲକ୍ଷ୍ମୀନାରାୟଣପୁର ଗାଁର ୨ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ଚଳିତବର୍ଷ ୧ ଲକ୍ଷ ୩୫ ହଜାର ୭୬୭ କୁଇଣ୍ଟାଲ ଧାନ କ୍ରୟ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଦିଗପହଣ୍ଡି କୃଷି ଜିଲା କାର୍ଯ୍ୟାଳୟ ସୂଚନାନୁସାରେ ୬୪ ଲକ୍ଷ କ୍ୱିଣ୍ଟାଲ ଧାନ ଉତ୍ପାଦନ ହୋଇଛି। ଏଥିରୁ ୪୦ ପ୍ରତିଶତ ଧାନ ଚାଷୀ ନିଜସ୍ୱ ବ୍ୟବହାର ସକାଶେ ରଖିବା ପରେ ବଳକାକୁ ବିକ୍ରି କରିବା ପାଇଁ ଚାହୁଁଛନ୍ତି। ଚାଷୀଙ୍କ ବଳକା ଧାନକୁ କିଣିବା ସରକାରଙ୍କ କ୍ଷମତା ନ ଥିବାରୁ ଚାଷୀମାନେ ଅଭାବୀ ଧାନ ବିକ୍ରି ସଙ୍କଟରେ ସନ୍ତୁଳିତ ହେବା ନିଶ୍ଚିତ ବୋଲି ଚାଷୀ କହିଛନ୍ତି।



ବି.ଡୁରୁବୁଡ଼ି ଗ୍ରାମରେ ଉଦ୍‌ଘାଟିତ ଧାନ ମଣ୍ଡି।

## ରାଜ୍ୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ
# ଗୁମ୍ମା ଦଳ ଚାମ୍ପିୟନ



ଚାମ୍ପିୟନ ଟିମ୍‌କୁ ଟ୍ରଫି ଓ ଚେକ୍ ପ୍ରଦାନ କରାଯାଉଛି।

ଆସିକା,୨୨।୧୨(ଡି.ଏନ୍.ଏ.)

ଆସିକା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଟାଉନ ହଲଠାରେ ଚାଲିଥିବା ମା' ଖମ୍ବେଶ୍ୱରୀ ରାଜ୍ୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି । ଫାଇନାଲରେ ଗଜପତି ଜିଲାର ମୋହନା ଦଳକୁ ପଛରେ ପକାଇ ଗୁମ୍ମା ଦଳ ୩-୨ ସେଟରେ ଚାମ୍ପିୟନ ହୋଇଛି । ଆସୋସିଏଶନର ସଭାପତି ଦିଲୀପ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ କାର୍ଯ୍ୟକ୍ରମରେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଳିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ଚାମ୍ପିୟନ ଗୁମ୍ମା ଦଳକୁ ଟ୍ରଫି ସହ ୩୦ ହଜାର ୩୩୩ ଟଙ୍କାର ଚେକ୍ ଓ ରନର୍ସ ଅପ ମୋହନା ଦଳକୁ ଟ୍ରଫି ସହ ୨୩ ହଜାର ୩୩୩ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ନଚିକେତା ସ୍ୱାଇଁ, ଆସୋସିଏଶନର ସମ୍ପାଦକ ତାରିଣୀ ସେନାପତି, ସତ୍ୟନାରାୟଣ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ । ସ୍ୱଦେଶ ଦଳାଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ପୃଥକ୍ ଦୁର୍ଘଟଣାରେ ୫ ଗୁରୁତର

ସୋରଡା,୨୨।୧୨(ଡି.ଏନ୍.ଏ.)

ସୋରଡା-ଆସିକା ଜାତୀୟ ରାଜପଥ ନଂ.୫୯ କରଡାବାଡି ଗ୍ରାମଠାରେ କାର ଓ ବୁଲେଟ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କ ହାତ ଛିଣ୍ଡିବା ସହ ଗୋଡ ଭାଙ୍ଗି ଯାଇଛି। ଅନ୍ୟଜଣେ ମଧ ଆହତ ହୋଇଛନ୍ତି। ଆସିକା କୋର୍ଟର ୬ଜଣ କର୍ମଚାରୀ ରବିବାର ସକାଳେ ସୋରଡା କାଳୀ ମନ୍ଦିରକୁ ଆସି ପହିଲି ଭୋଗ ଖାଇସାରି ଅପରାହ୍ନ ୩ଟାରେ ବାଇକରେ ଘରକୁ ଫେରୁଥିଲେ। ସେମାନଙ୍କ ମଧ୍ୟରୁ ସରୋଜ କୁମାର ଦାଶ ଓ ଶ୍ରବଣ କୁମାର ସାହୁ ଏକ ବୁଲେଟରେ ଯାଉଥିଲେ। କରଡାବାଡିଠାରେ ବିପରୀତ ଦିଗରୁ ଆସୁଥିବା ଏକ କାର୍ (ନଂ.ଓଡି୦୨ଡି-୯୫୬୬) ସହ ବୁଲେଟର ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ସରୋଜଙ୍କ ଡାହାଣ ହାତ ସମ୍ପୂର୍ଣ୍ଣ ଛିଡି ଯାଇଥିଲା। ଛିଣ୍ଡା ହାତକୁ ବରଫରେ ରଖି ସରୋଜଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଥାନା ଅଧିକାରୀ ରମେଶ ପ୍ରଧାନ ଦୁର୍ଘଟଣାଗ୍ରସ୍ତ ବୁଲେଟକୁ ଥାନାକୁ ଆଣିଥିବାବେଳେ କାର ଚାଳକ ଫେରାର ହୋଇଯାଇଛନ୍ତି। ସେହିପରି ଜାତୀୟ ରାଜପଥ ନଂ.୫୯ ନୂଆଗଡ ନିକଟରେ ବ୍ରାହ୍ମଣଦେଇ ଗ୍ରାମର ନାରୁ ବିଷୋୟୀ ବିଲକୁ ଯାଉଥିଲେ। ଆସିକା ନିକଟ ମଣ୍ଡାପଡା ଗ୍ରାମର ସୋମନାଥ ବିଷୋୟୀ ସ୍ତ୍ରୀ ଇନ୍ଦୁଙ୍କୁ ବସାଇ ବାଇକରେ ଆସୁଥିବାବେଳେ ନାରୁଙ୍କୁ ଧକ୍କା ଦେଇଥିଲେ। ନାରୁ ଓ ଇନ୍ଦୁ ଗୁରୁତର ଆହତ ହୋଇଛନ୍ତି। ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ବ୍ରହ୍ମପୁର ମେଡିକାଲ ନେଇଥିଲା।

## ଅଭିକର୍ତ୍ତା ସଙ୍ଗଠନର ବାର୍ଷିକୋତ୍ସବ

ଛତ୍ରପୁର,୨୨।୧୨(ଡି.ଏନ.ଏ)

ଛତ୍ରପୁରସ୍ଥିତ ଜିଲା ସଂସ୍କୃତି ଭବନଠାରେ ଏଲଆଇସି ଅଭିକର୍ତ୍ତା ସଂଗଠନର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ପଣ୍ଡିତ ପ୍ରଫୁଲ୍ଲ କୁମାର ମହାପାତ୍ର ପ୍ରାରମ୍ଭିକ ସଙ୍ଗୀତ ଓ ସଂଗଠନର ଅଭିକର୍ତ୍ତା ଶ୍ରୁତିରେଖା ଶତପଥୀ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ସଂଘ ସଭାପତି ଗୋପାଳ କ୍ରିଷ୍ଣା ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ମନ୍ମଥ କୁମାର ପାଢୀ ବିବରଣୀ ପାଠ କରିଥିଲେ। ଜୋନାଲ ସାଧାରଣ ସମ୍ପାଦକ ଶୁଭେନ୍ଦୁ ପଟ୍ଟନାୟକ ମୁଖ୍ୟଅତିଥି, ଜୋନାଲ ଉପାଧ୍ୟକ୍ଷ ସତ୍ୟଜିତ୍ ସାମନ୍ତରାୟ ମୁଖ୍ୟବକ୍ତା, ଜୟରାମ ପାଳ, ସନ୍ତୋଷ କୁମାର ଶତପଥୀ, ପୀତାମ୍ବର ମେହେର, ରବୀନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଶୋକ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ। ସଦାଶିବ ପାଣିଗ୍ରାହୀ, ଖଲ୍ଲି କୁମାର ସାହୁ, ଲୋକନାଥ ଦାସ, ଦୟାନିଧି ଦାସ, ଭଗବାନ ସେଠୀ, ବିନାୟକ ପଣ୍ଡା, ରାମେୟା ପାତ୍ର, ସୀମାଞ୍ଚଳ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପାଚିକା, ସହାୟିକାଙ୍କ ବୈଠକ


ବୈଠକରେ ଉପସ୍ଥିତ ପାଚିକା, ସହାୟିକା।

ପାତ୍ରପୁର,୨୨।୧୨(ଡି.ଏନ୍.ଏ.)

ପାତ୍ରପୁର ଦୁର୍ଗାଦେବୀ ମନ୍ଦିର ପ୍ରାଙ୍ଗଣରେ ରବିବାର ପାଚିକା, ସହାୟିକାମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାତ୍ରପୁର ବ୍ଲକ ସମେତ ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ କେତେକ ବିଦ୍ୟାଳୟର ପାଚିକା ଓ ସହାୟିକାମାନେ ଯୋଗ ଦେଇ ସେମାନଙ୍କର ବିଭିନ୍ନ ସମସ୍ୟା ଆଲୋଚନା କରିଥିଲେ। ପ୍ରତି ସପ୍ତାହରେ ମଣ୍ଡଳସ୍ତରୀୟ ଓ ପ୍ରତିମାସ ଶେଷ ରବିବାର ବ୍ଲକସ୍ତରୀୟ ବୈଠକ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ପାଚିକାମାନେ ମାତ୍ର ୧୪ ଶହ ଟଙ୍କା ପାଇ ଶହଶହ ଛାତ୍ରୀଛାତ୍ରଙ୍କ ନିମନ୍ତେ ମଧାହ୍ନଭୋଜନ ରୋଷେଇ କରୁଛନ୍ତି। ଦରମା ବୃଦ୍ଧି ପାଇଁ ଦୀର୍ଘବର୍ଷ ହେଲା ଦାବି ହୋଇ ଆସୁଥିଲେ ମଧ କୌଣସି ପଦକ୍ଷେପ ନିଆଯାଉନାହିଁ। ତେଣୁ ଆଗାମୀ ଦିନରେ ବ୍ଲକ, ଜିଲା ଓ ରାଜ୍ୟସ୍ତରରେ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ରାଜେଶ୍ୱରୀ ଦେବୀ, ସରସ୍ୱତୀ ସାହୁ, ନମିତା ସାହୁ, ସନ୍ତୋଷିନୀ ମହାନ୍ତି, ଲକ୍ଷ୍ମୀ ବାଡ଼ତ୍ୟା, ଏସ୍ ବିଜୟା, କୁମାରୀ ସାହୁ, ଜି. କାବେରୀ ଆଚାରୀ, ଦିଗପହଣ୍ଡି ବ୍ଲକ ଭୀଷ୍ମଗିରିରୁ ସରସ୍ୱତୀ ବିଷୋୟୀ, ରେଣୁ ଗୌଡ଼, ଗୀତାଞ୍ଜଳି ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ୨୬୪ ଲିଟର ମଦ ଜବତ, ୪ ଗିରଫ

ପୁରୁଷୋତ୍ତମପୁର, ୨୨।୧୨ (ଡି.ଏନ୍.ଏ.)

ପୁରୁଷୋତ୍ତମପୁର ପୋଲିସ ରବିବାର ବିଭିନ୍ନ ସ୍ଥାନରେ ଚଢାଉ କରି ୨୬୪ ଲିଟର ଦେଶୀ ମଦ ସହ ବାଇକ ଜବତ କରିଛି। ଚୋରା ମଦବିକ୍ରି ଅଭିଯୋଗରେ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏନେଇ ଥାନାରେ ୪ଟି ମାମଲା ରୁଜୁ କରାଯାଇଥିବା ଆଇଆଇସି ଜଗନ୍ନାଥ ମଲ୍ଲିକ କହିଛନ୍ତି। ଶିଖରପୁର ଗ୍ରାମରୁ ଦିଗପହଣ୍ଡି ଥାନା ବିକାଶପୁରର ମନୋଜ ମଲ୍ଲିକଙ୍କୁ ଗିରଫ କରି ୬୨ ଲିଟର ଦେଶୀମଦ ଜବତ କରିଛି। ଏନେଇ ନଂ. ୩୦୮/୧୯ରେ ମାମଲା ରୁଜୁ ହୋଇଛି। ଭାଟକୁମରଡାରୁ ସେହି ଗ୍ରାମର ପ୍ରଫୁଲ୍ଲ ସାହୁଙ୍କୁ ଗିରଫ କରି ବାଇକ (ନଂ.ଓଆର ୦୭ ଜେଡ ୫୮୩୬) ସହ ୭୦ଲିଟର ଦେଶୀମଦ ଜବତ କରି ନଂ.୩୦୯/୧୯, ଭାବନ୍ଧଠାରୁ ଦିଗପହଣ୍ଡି ଥାନା ବିକାଶପୁର ଗ୍ରାମର ଶିବରାମ ମଲ୍ଲିକଙ୍କ ଠାରୁ ୬୫ଲିଟର ଦେଶୀମଦ ଜବତ କରି ନଂ.୩୧୦/୧୯, କକଇଠଡା ଗ୍ରାମର ମଗୁଲୁ ପ୍ରଧାନଙ୍କଠାରୁ ୬୭ ଲିଟର ଦେଶୀମଦ ଜବତ କରି ନଂ.୩୧୧/୧୯ରେ ମାମଲା ରୁଜୁ କରିଛି। ସମସ୍ତ ଅଭିଯୁକ୍ତଙ୍କୁ ପୁରୁଷୋତ୍ତମପୁର ପ୍ରଥମ ଶ୍ରେଣୀ ଅଦାଲତକୁ ଚାଲାଣ କରାଯାଇଥିବା ଥାନା ଏଏସ୍ଆଇ ରବୀନ୍ଦ୍ର ନାଥ ପାଣିଗ୍ରାହୀ କହିଛନ୍ତି।

# ଗୋପାଳପୁର ମହୋତ୍ସବ ପ୍ରସ୍ତୁତି ଜୋରଦାର

ଗୋପାଳପୁର,୨୨।୧୨

ଆସନ୍ତା ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଗୋପାଳପୁର ବେଳାଭୂମି ମହୋତ୍ସବ ହେବ। ୫ ଦିନ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଓଲିଉଡ୍ ଓ ବଲିଉଡର ସେଲିବ୍ରିଟି ଆସିବେ। ଏଥିପାଇଁ ଜିଲା ପ୍ରଶାସନ ଓ ମହୋତ୍ସବ କମିଟି ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ଏ ନେଇ ଜିଲା ପ୍ରଶାସନ ଓ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ ଶନିବାର ଗୋପାଳପୁର ସର୍କିଟ ହାଉସରେ ହୋଇଥିଲା। ଏଥିରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ ଓ ମହୋତ୍ସବର ଅଧକ୍ଷ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ। ମହୋତ୍ସବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବେ ଏବଂ ବହୁ ଏମ୍‌ପି, ବିଧାୟକ ଓ ଆନ୍ଧ୍ରପ୍ରଦେଶ ଉପମୁଖ୍ୟମନ୍ତ୍ରୀ ପି. ପୁଷ୍ପଶ୍ରୀୱାଣି, ଆର୍ମି ଏଡି କଲେଜର ଲୁଟ୍‌ନାଣ୍ଟ ଜେନେରାଲ ପ୍ରମୁଖ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଗୋପାଳପୁର ମହୋତ୍ସବ ସ୍ଥଳରେ ଭୂମିପୂଜା କରାଯାଇଛି। ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ରଙ୍ଗେଇଲୁଣ୍ଡା ବିଡିଓ କୁମାର ନାଗଭୂଷଣ, ଗୋପାଳପୁର କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ବିଡିଏ ଅଧକ୍ଷ ସୁବାସ ମହାରଣା, ଅତିରିକ୍ତ ଏସପି ପ୍ରଭାତ ରାଉତରାୟ, ବ୍ରହ୍ମପୁର ସଦର ଏସଡିପିଓ ଜୟନ୍ତ ମହାପାତ୍ରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଆସିକା ମହୋତ୍ସବ ଲାଗି ଭୂମି ପୂଜନ

ଆସିକା,୨୨।୧୨(ଡି.ଏନ୍.ଏ.)

ଆସିକା ଏନ୍ଏସିର କଳିଙ୍ଗା ରୋଡ ସଂଲଗ୍ନ ପଡିଆରେ ଜାନୟାରୀ ୧୧ ଠାରୁ ୧୫ ତାରିଖ ଯାଏ ୫ଦିନ ବ୍ୟାପି ଆସିକା ମହୋତ୍ସବ ଅନୁଷ୍ଠିତ ହେବ। ଏଥିଲାଗି ରବିବାର ଭୂମି ପୂଜନ କରାଯାଇଛି । ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଳିକ, ଏସଡିପିଓ ସୂର୍ଯ୍ୟମଣି ପ୍ରଧାନ, ତହସିଲଦାର ଆଶୁତୋଷ ଗୌରବ କର, ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ଯୁବନେତା ନଚିକେତା ସ୍ୱାଇଁ, ଦିଲୀପ ପାଣିଗ୍ରାହୀ, ସତ୍ୟନାରାୟଣ ସ୍ୱାଇଁ, ସନ୍ତୋଷ ପୋଲାଇଙ୍କ ସମେତ ବହୁ ବ୍ୟକ୍ତି ଭୂମିପୂଜା ବେଳେ ଉପସ୍ଥିତ ଥିଲେ । ମହୋତ୍ସବର ସୁପରିଚାଳନା ନିମନ୍ତେ ବିଧାୟିକା ସ୍ୱାଇଁଙ୍କ ଅଧକ୍ଷତାରେ ଏକ କମିଟି ଗଠନ ହୋଇଛି । ଅଞ୍ଚଳର କଳାକାର ଓ ବାହାର କଳାକାରଙ୍କୁ ନେଇ ବିଭିନ୍ନ ନୃତ୍ୟ ସଂଗୀତ ଆସରରେ ମହୋତ୍ସବକୁ ଅଧିକ ଆକର୍ଷଣୀୟ କରିବାକୁ ପରିଚାଳନା କମିଟି ନିଷ୍ପତ୍ତି ନେଇଛି।

# ଛାତ୍ର ଜୀବନ ହିଁ ମଣିଷର ଗୁରୁତ୍ୱପୂର୍ଣ୍ଣ ସମୟ



ଅତିଥିଙ୍କ ଦ୍ୱାରା ମୁଖପତ୍ର 'ଆହ୍ୱାନ' ଉନ୍ମୋଚନ କରାଯାଉଛି।

ଦିଗପହଣ୍ଡି,୨୨।୧୨(ଡି.ଏନ୍.ଏ.)

ଛାତ୍ର ଜୀବନ ହିଁ ପ୍ରତ୍ୟେକ ମଣିଷର ଗୁରୁତ୍ୱପୂର୍ଣ୍ଣ ସମୟ। ଭଲ ମଣିଷଟିଏ ହେବାପାଇଁ ଶିକ୍ଷା ବାଟ ଦେଖାଇଥାଏ ବୋଲି ରବିବାର ସନ୍ଧ୍ୟାରେ ଦିଗପହଣ୍ଡି ସରସ୍ୱତୀ ବିଦ୍ୟା ମନ୍ଦିର ଊନବିଂଶ ବାର୍ଷିକୋତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଲେଖକ ଉପେନ୍ଦ୍ର ବିଶ୍ୱାଳ ମତ ଦେଇଛନ୍ତି। ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ରାମଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ପରିଚାଳନା ସମିତି ଉପଦେଷ୍ଟା ତଥା ସହକାରୀ ଶିକ୍ଷକ ପ୍ରକାଶ ଚନ୍ଦ୍ର ପ୍ରଧାନ ସ୍ୱାଗତ ଅଭିଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦିଗପହଣ୍ଡି ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆ, ପରିଚାଳନା ସମିତି ସମ୍ପାଦକ କୈଳାସ ଚନ୍ଦ୍ର ବେହେରା ସମ୍ମାନୀତ ଅତିଥି ଭାବେ ମଞ୍ଚାସିନ ଥିଲେ। ପ୍ରଧାନାଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀ ସଂଘମିତ୍ରା ଚୌଧୁରୀ, ସୌମ୍ୟା ଶୁଭ ଦର୍ଶନୀ, ଭୂମିକା ପ୍ରଧାନ, ଛାତ୍ର ଅର୍ମିତ ମହାପାତ୍ରଙ୍କ ଉପସ୍ଥାପନାରେ ସଭାକାର୍ଯ୍ୟ ପରିଚାଳନା କରାଯାଇଥିଲା। ଶିଶୁ ମନ୍ଦିର ତତ୍ତ୍ୱାବଧାରକ ଗୋବିନ୍ଦ ଦୋରାଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ବାର୍ଷିକ ମୁଖପତ୍ର 'ଆହ୍ୱାନ' ଅତିଥିମାନେ ଉନ୍ମୋଚନ କରିଥିଲେ। ଅନ୍ୟତମ ପ୍ରଧାନାଚାର୍ଯ୍ୟ ଭଗବତୀ ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ର ମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକ ଉପସ୍ଥିତ ଥିଲେ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ